
ନିତିଦିନ NITIDIN
THE SUNDAY SECTION OF NITIDIN
# ନଜର
୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ୨୬ ଏପ୍ରିଲ ୨୦୨୬

ମନୋରଞ୍ଜନ

ହିଟ୍ ଯୋଡ଼ି:
ଅକ୍ଷୟ ଓ ବିଦ୍ୟା



# ଭାରତୀୟ ନଦୀ-କେନ୍ଦ୍ରିକ କଥାସାହିତ୍ୟ



# ଶ୍ରୀ ରାମକୃଷ୍ଣ ଚରିତାମୃତ ୪୩

## ମନୋଜ କୁମାର ମହାପାତ୍ର



ଶ୍ୟାମାପୁକୁରରେ ଶ୍ରୀ ରାମକୃଷ୍ଣ ଏକଦା ନିଜର ସୂକ୍ଷ୍ମ ଶରୀରକୁ ସ୍ଥୁଳ ଶରୀରରୁ ବାହାରି କୋଠରିରେ ବିଚରଣ କରିବାର ଡକ୍ଟର ସରକାର ଦେଖିଲେ। ତାଙ୍କ ପିଠି ଉପରେ ଅନେକ ବଡ଼ ବଥ ହେଇଥିବାର ସେ ଦେଖିଲେ। ଏହା ଦେଖି ସେ ବଡ଼ ସମସ୍ୟାରେ ପଡିଗଲେ। ପରନ୍ତୁ ଏହା ସ୍ପଷ୍ଟ ହେଇଗଲା ଯେ ସଂସାରୀ ଲୋକମାନେ ତାଙ୍କୁ ସ୍ପର୍ଶ କରିବାର ଫଳସ୍ୱରୂପଃ ଏହି ବଥ ବା ଘା’ ହେଇଛି। ଏହି ସ୍ପର୍ଶ ଦ୍ୱାରା ଲୋକମାନେ ଅବଶ୍ୟ ପବିତ୍ର ହୋଇଗଲେ କିନ୍ତୁ ସେମାନଙ୍କର ପାପଜନିତ ଯାତନାକୁ ଶ୍ରୀ ରାମକୃଷ୍ଣଙ୍କୁ ଭୋଗିବାକୁ ପଡ଼ିଥିଲା। ଯେତେବେଳେ ଏହି କଥା ନିଜର ଭକ୍ତମାନଙ୍କ ଆଗରେ ଉଲ୍ଲେଖ କଲେ, ସେତେବେଳେ ନରେନ୍ଦ୍ରନାଥ ତଥା ଅନ୍ୟ ଭକ୍ତମାନେ ଲକ୍ଷ୍ୟ କଲେ ଯେ ତାଙ୍କର ଏମନ୍ତ କଥା ଈସାଇ ଏବଂ ବୈଷ୍ଣବ ଆଦି ଧର୍ମରେ ବର୍ଣ୍ଣିତ ’ପରାର୍ଥ ପ୍ରାୟଶ୍ଚିତ’ ସିଦ୍ଧାନ୍ତ ସହିତ ମେଳ ଖାଉଛି।

ଦୁଇ ମାସରୁ ଅଧିକ ଦିନ ବିତିଗଲା। କିନ୍ତୁ ତାଙ୍କର ସ୍ୱାସ୍ଥ୍ୟରେ କୌଣସି ସୁଧାର ହେବାର ଲକ୍ଷଣ ଦୃଷ୍ଟିଗୋଚର ହେଲା ନାହିଁ। ତାଙ୍କର ଚିକିତ୍ସା ପ୍ରଭାବହୀନ ଭଳି ମନେହେଲା, ଯାହାଫଳରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଉତ୍ତରୋତ୍ତର ଖରାପ ହେବାକୁ ଲାଗିଲା। ଯେତେବେଳେ ଚିକିତ୍ସା ପ୍ରଭାବହୀନ ଜଣାପଡିଲା, ସେତେବେଳେ ଡାକ୍ତର ସରକାର ତାଙ୍କୁ ସହରରୁ ବାହାରର କୌଣସି ଏକ ଉଦ୍ୟାନବାଟୀକୁ ନେଇ ରଖିବା ପାଇଁ ପରାମର୍ଶ ଦେଲେ। କାହିଁକି ନା ଜଳବାୟୁ ପରିବର୍ତ୍ତନର ଆବଶ୍ୟକତା ଥିଲା। ସୁତରାଂ ଗୋପାଳ ଚନ୍ଦ୍ର ଘୋଷଙ୍କର କାଶୀପୁର ସ୍ଥିତ ବୃହତ ଉଦ୍ୟାନବାଟୀକୁ ଭଡ଼ା ସ୍ୱରୂପରେ ନିଆଗଲା ଏବଂ ଶ୍ରୀ ରାମକୃଷ୍ଣଙ୍କୁ ୧୧ ଡିସେମ୍ବର, ୧୮୮୫ ମସିହା ସନ୍ଧ୍ୟା ସମୟରେ ଏହି ଜାଗାକୁ ଭକ୍ତମାନେ ନେଇଆସିଲେ।

କାଶୀପୁର ଉଦ୍ୟାନରେ ଶ୍ରୀ ରାମକୃଷ୍ଣଙ୍କର ଜୀବନର ଅନ୍ତିମ ଦିବସରେ ଏହି ଭୌତିକ ଧରାବତରଣର ଅଧ୍ୟାୟ ଅଭିନୀତ ହେଲା। ସଂସାର ରଙ୍ଗମଞ୍ଚରୁ ବିଦାୟନେବା ପୂର୍ବରୁ ସେ ନିଜକୁ ମହାନତମ ରୂପରେ ପ୍ରକଟ କଲେ ଏବଂ ନିଜର ଭାବଧାରାକୁ ପ୍ରଚାର କରିବା ପାଇଁ ନରେନ୍ଦ୍ରଙ୍କୁ ଉପଯୁକ୍ତ ଯନ୍ତ୍ର ବନାଇଲେ। ନରେନ୍ଦ୍ରଙ୍କ ଉପରେ ନିଜ ଭକ୍ତମଣ୍ଡଳୀର ଭାର ଅର୍ପଣ କଲେ। ଏହି ସମାପନ ଦୃଶ୍ୟର କାରୁଣିକତା ତଥା ଗାମ୍ଭୀର୍ଯ୍ୟ ବର୍ଣ୍ଣନା କରାଯାଇପାରିବ ନାହିଁ।

କାଶୀପୁରକୁ ଆସିବା ଠାରୁ ଯୁବ ଭକ୍ତମାନେ ରୋଷେଇ କରିବା, ବଜାର ଆଦିକୁ ଯିବା, ଘରକରଣା କାମ ଇତ୍ୟାଦି ନିଜ ଭିତରେ ବାଣ୍ଟି ସମ୍ଭାଳି ନେଲେ। ଶ୍ରୀମା ରାମକୃଷ୍ଣଙ୍କ ପାଇଁ ଭୋଜନ ପ୍ରସ୍ତୁତି କରିବା ଓ ତାଙ୍କୁ ଖୁଆଇବା କାର୍ଯ୍ୟ ନିଜ ହାତରେ କଲେ। ନରେନ୍ଦ୍ର ତରୁଣ ଭକ୍ତମାନଙ୍କର ନେତା ଥିଲେ। ଶ୍ରୀ ରାମକୃଷ୍ଣଙ୍କର ସେବାରୁ ବିରତି ମିଳିବା ମାତ୍ରେ ସେ ଉକ୍ତ ଯୁବ-ଭକ୍ତମାନଙ୍କୁ ଏକତ୍ରିତ କରି ଧ୍ୟାନ, ଅଧ୍ୟୟନ, ଚର୍ଚ୍ଚା ବା ଭୋଜନ ଆଦିରେ ନିୟୋଜିତ କରନ୍ତି। କାର୍ଯ୍ୟରେ ମଗ୍ନ ରହି ସମସ୍ତେ ସର୍ବଦା ଆନନ୍ଦର ବାତାବରଣରେ ବୁଡି ଯାଉଥିଲେ। ସମୟ କେମିତି ବିତିଯାଏ ସେମାନଙ୍କୁ ଜଣାପଡେନି। ଏହି ସର୍ବସ୍ୱତ୍ୟାଗୀ ଭକ୍ତଙ୍କ ସଂଖ୍ୟା ୧୨ରୁ ଅଧିକ ହେଇନଥିଲା। କିନ୍ତୁ ତା’ ମଧ୍ୟରୁ ପ୍ରତ୍ୟେକେ ଗୁରୁଙ୍କ ସେବାରେ ନିଜ ଜୀବନକୁ ସମର୍ପିତ କରି ଶକ୍ତିର ଆଧାର ରୂପରେ ପ୍ରକଟ ହେଉଥିଲେ।


ପୁରୁଣା ଓ ନୂଆ ଭକ୍ତଙ୍କର ସମ୍ମିଳିତ ପ୍ରୟାସ ଫଳରେ ଶ୍ରୀ ରାମକୃଷ୍ଣଙ୍କର ସେବା-ଶୁଶ୍ରୂଷା ସୂଚାରୁ ରୂପେ ସମ୍ପାଦିତ ହେଲା। ଏହା ମଧ୍ୟରେ ଗୋଟିଏ ରାତିରେ ନରେନ୍ଦ୍ର କିଛି ଯୁବ ଭକ୍ତଙ୍କୁ ପାଖକୁ ଡ଼ାକି କହିଲେ - ‘ଠାକୁରଙ୍କ ବେମାରୀ ଅତ୍ୟନ୍ତ ଚିନ୍ତାଜନକ। ବୋଧହୁଏ ସେ ଶରୀର ତ୍ୟାଗ କରିଦେବାକୁ ଚାହୁଁଛନ୍ତି। ସୁତରାଂ ଯଦି ସମୟ ମିଳୁଛି ତାଙ୍କ ସେବା କରି, ଜପ-ଧ୍ୟାନ କରି, ନିଜ ନିଜର ଆଧ୍ୟାତ୍ମିକ ଉନ୍ନତି ପୂର୍ଣ୍ଣପ୍ରାଣରେ କରିଯାଅ। ଅନ୍ୟଥା ତାଙ୍କର ଦେହତ୍ୟାଗ ପରେ ତୁମମାନଙ୍କର ପଶ୍ଚାତାପର କୌଣସି ସମସ୍ୟା ଯେପରି ନ ରହେ। ଆମ୍ଭେମାନେ ଏହି ମୂର୍ଖତାପୂର୍ଣ୍ଣ ବିଚାରରେ ନିଜର ସମୟ ବରବାଦ କରୁଛେ ଯେ ଅମକେଇ ସମକେଇ କାମ ସମାପ୍ତ କରି ଈଶ୍ୱରଙ୍କର ଭଜନ କରିବା। କାମନାର ଶିକୁଳିରେ ଆମେ ସ୍ୱୟଂକୁ ଅଧିକରୁ ଅଧିକ ବାନ୍ଧିଦେବା ଉଚିତ ନୁହେଁ।’

(କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯

# ‘ଯେ ସର୍ବଭାବେ ଭକ୍ତି ସାଧେ, ସଂସାର ତାହାକୁ ନ ବାଧେ।’

## ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା



କେଉଁମାନେ ଭଗବାନଙ୍କର ପ୍ରିୟ ବା କେଉଁ ପ୍ରକୃତିସମୂହକୁ ଭଗବାନ ପସନ୍ଦ କରନ୍ତି, ସେସବୁ ଗୀତାରେ ବର୍ଣ୍ଣିତ। ସେଥିରୁ କିଞ୍ଚିତ୍ ଯିଏ କୌଣସି ପ୍ରାଣୀଙ୍କୁ ଘୃଣା କରେନାହିଁ, ଯିଏ ସମସ୍ତଙ୍କ ପ୍ରତି ଉଦାର ଓ ବନ୍ଧୁତାପୂର୍ଣ୍ଣ ମନୋଭାବ ପୋଷଣ କରିଥାଏ, ଯିଏ ଅହଂ ଏବଂ ବନ୍ଧନମୁକ୍ତ, ପୁଣି ଯାହା ପାଇଁ ସୁଖ ଓ ଦୁଃଖ ଉଭୟେ ସମାନ ଏବଂ ଯେ ଦୟାଶୀଳ ସେ ମୋର ପ୍ରିୟ। ପ୍ରତ୍ୟେକ ଆତ୍ମ-ନିୟନ୍ତ୍ରିତ, ଧ୍ୟାନଶୀଳ, ବିଚାରବନ୍ତ, ଉତ୍ସର୍ଗିତ ମଣିଷ ମୋର ଭକ୍ତ ଏବଂ ସେମାନେ ମୋର ପ୍ରିୟ। ଯାହାଙ୍କ ଦ୍ୱାରା ପ୍ରକୃତି ପ୍ରଭାବିତ ହୁଏନାହିଁ ଏବଂ ଯିଏ ପ୍ରକୃତି ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ, ଯିଏ ଆନନ୍ଦ, ଅସୂୟାଭାବ, ଭୟ, ବିଦ୍ୱେଷ ଏବଂ ସମସ୍ତ ପ୍ରକାର ଉତ୍କଣ୍ଠାରୁ ମୁକ୍ତ ସେ ମୋର ପ୍ରିୟ। ଯିଏ ବାସନା ମୁକ୍ତ, ଶୁଦ୍ଧଚିତ୍ତ, ସଦା ସତର୍କ, ଅବିବାଦୀୟ ସେ ମୋର ପ୍ରିୟ। ଯେ ଆଶା କରେନାହିଁ, ଘୃଣା କରେନାହିଁ, ଶୋକ କରେନାହିଁ, ଯାହା ପାଇଁ ଭଲ ଓ ମନ୍ଦ ଉଭୟେ ସମାନ, ସେ ମୋର ପ୍ରିୟ। ଯିଏ ଶତ୍ରୁ ଏବଂ ମିତ୍ର ଦୁହିଁଙ୍କୁ ସମାନ ଦୃଷ୍ଟିରେ ଦେଖେ, ସମ୍ମାନ ଓ ଅସମ୍ମାନ, ସୁଖ ଓ ଯନ୍ତ୍ରଣା, ଉଷ୍ମ ଓ ଶୀତଳ ଯାହା ପାଇଁ ସମାନ ସେ ମୋର ପ୍ରିୟ। ଯାହାପାଇଁ ନିନ୍ଦା ଓ ପ୍ରଶଂସା ସମାନ, ଯିଏ ସର୍ବଦା ସନ୍ତୁଷ୍ଟ, ଯିଏ ଅପରିବର୍ତ୍ତନୀୟ, ଯିଏ ସ୍ଥିରମନା, ସେ ମୋର ପ୍ରିୟ।

ଦେହ, ମନ, ରଙ୍ଗ ରୂପ ଇତ୍ୟାଦି ଯେଉଁ ପ୍ରଭେଦ ରହିଛି, ତାହା ମାୟିକ, ଆଭାସିକ ପ୍ରଭେଦମାତ୍ର। ସମସ୍ତଙ୍କର ଆତ୍ମା ଏକ ଓ ଅଭିନ୍ନ। ଧନବାନ ଲୋକ ନିଜର ସୁବିଧା ଲାଗି ଖଣ୍ଡିଏ ସ୍ୱତନ୍ତ୍ର ଜାହାଜ ଓ ସ୍ୱତନ୍ତ୍ର ରେଳଗାଡ଼ି ବା ସ୍ୱତନ୍ତ୍ର ଉଡ଼ାଜାହାଜ ରଖି ପାରନ୍ତି, କିନ୍ତୁ ସେ ଯେତେ ହୁଅନ୍ତୁ ନା କାହିଁକି, ସେ ନିଜର ବୋଲି ଏକ ଭିନ୍ନ ସ୍ୱତନ୍ତ୍ର ଆତ୍ମା ରଖି ପାରିବେ ନାହିଁ। ଆତ୍ମା ହେଉଛି ଅନନ୍ୟ ସାଧାରଣ ସତ୍ତା, ଆତ୍ମା କୌଣସି ବ୍ୟକ୍ତିବିଶେଷଙ୍କର ସ୍ୱତନ୍ତ୍ର ସମ୍ପତ୍ତି ହୋଇପାରିବ ନାହିଁ। ଆନନ୍ଦ ଏବଂ ଆତ୍ମା ମଧ୍ୟରେ କୌଣସି ପ୍ରଭେଦ ନାହିଁ। ଆତ୍ମା ହିଁ ଆନନ୍ଦ। ଈଶ୍ୱର, ପୂର୍ଣ୍ଣତା, ଅମରତ୍ୱ ଓ ଆନନ୍ଦ - ଏ ସବୁ ଏକ ଓ ଅଭିନ୍ନ। ଜୀବନର ଅନ୍ତିମ ଲକ୍ଷ୍ୟ ହେଉଛି ପୂର୍ଣ୍ଣତାପ୍ରାପ୍ତି ବା ଈଶ୍ୱରପ୍ରାପ୍ତି। ମନୁଷ୍ୟ ସତ୍ୟର ଯେତେ ନିକଟତର ହେଉଥିବ, ସେତେ ଅଧିକ ସୁଖୀ ହେଉଥିବ, କାରଣ ସତ୍ୟର ବାସ୍ତବ ପ୍ରକୃତି ହେଉଛି ନିଶ୍ଚିତ ପରମାନନ୍ଦ। ଆଜିର ଏହି ଆଲୋଚନା ବେଳେ ମନେ ପଡୁଛି ଶ୍ରୀମଦ୍ ଭାଗବତର ସେହି କାଳଜୟୀ ଧାଡ଼ିଟି - ‘ସକଳ ଧର୍ମ ଛାଡ଼ି ଯେବେ, ମୋତେ ଭଜନ୍ତି ଭକ୍ତିଭାବେ। ଯେ ସର୍ବଭାବେ ଭକ୍ତି ସାଧେ, ସଂସାର ତାହାକୁ ନ ବାଧେ। ଏ ବୋଲ ଯଦି ବୁଝି ତେବେ, ଆଶ୍ରା କରଇ ମୋର ଭବେ, ସର୍ବ ସଂଶୟ ଦୂର କରି, ନିସ୍ତରେ ନର ଦେହ ଧରି।’

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪,
ଦୂରଭାଷ : ୭୦୦୮୪୭୮୯୮୬
E-mail : nibeditabehera08021985@gmail.com

ନଦୀ-କେନ୍ଦ୍ରିକ କଥାସାହିତ୍ୟ କହିଲେ ଏମିତି ସାହିତ୍ୟକୁ ବୁଝାଏ ଯେଉଁଠି ନଈଟିଏ କାହାଣୀର କେନ୍ଦ୍ରିୟ ଚରିତ୍ର, ପଟ୍ଟଭୂମି ଅଥବା ରୂପକ ଭାବରେ ବ୍ୟବହୃତ ହୁଏ। ସଭ୍ୟତାର ବିକାଶରେ, ବିଶେଷ କରି ଭାରତୀୟ ସଭ୍ୟତାର ବିକାଶରେ ନଈର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ସେଥିପାଇଁ ପ୍ରାଚୀନ ବୈଦିକ ସାହିତ୍ୟରୁ ଆଧୁନିକ ଉପନ୍ୟାସ ପର୍ଯ୍ୟନ୍ତ ନଈ ଗୋଟେ ଗୁରୁତ୍ୱପୂର୍ଣ୍ଣ ମୋଟିଭ ଭାବରେ ଉପସ୍ଥିତ। ନଈକୁ କେତେବେଳେ ମାତୃ ରୂପରେ, କେତେବେଳେ ଜୀବନଦାୟିନୀ ଶକ୍ତି ଭାବରେ ପୁଣି କେତେବେଳେ ଧ୍ୱଂସର ପ୍ରତୀକ ଭାବରେ ଦେଖାଯାଇଛି। ଏହି ପ୍ରେକ୍ଷାପଟରେ ନଦୀ-କେନ୍ଦ୍ରିକ କଥାସାହିତ୍ୟ ଏକ ବିଶେଷ ସାହିତ୍ୟ ଧାରା ଭାବରେ ବିବେଚିତ ହେଇପାରେ।



# ଭାରତୀୟ ନଦୀ- କେନ୍ଦ୍ରିକ କଥାସାହିତ୍ୟ

ମୃଣାଳ ଚାଟାର୍ଜୀ

**ଭାରତୀୟ ନଦୀ-କେନ୍ଦ୍ରିକ କଥା ସାହିତ୍ୟର ଐତିହାସିକ ପ୍ରେକ୍ଷାପଟ୍ଟକୁ ଦେଖିଲେ ପ୍ରାଚୀନ ଭାରତୀୟ ସାହିତ୍ୟରେ ନଈର ଉଲ୍ଲେଖ ଧାର୍ମିକ ଓ ପୌରାଣିକ ତାତ୍ପର୍ଯ୍ୟ ସହିତ ଯୁକ୍ତ। ଯେମିତି ଗଙ୍ଗା ନଈକୁ ପବିତ୍ରତାର ପ୍ରତୀକ ଭାବରେ ଉପସ୍ଥାପନ କରାଯାଇଛି। ଭାରତୀୟ ଉପ-ମହାଦେଶର ସାହିତ୍ୟ ଧାରାରେ ନଦୀ କେବଳ ଭୌଗଳିକ ଉପାଦନ ନୁହେଁ ବରଂ ଏହା ଏକ ଜୀବନ୍ତ ସାଂସ୍କୃତିକ ପ୍ରତୀକ।**

ଆଧୁନିକ ସାହିତ୍ୟରେ ନଈକୁ ଆହୁରି ବାସ୍ତବ ଓ ସାମାଜିକ ପ୍ରେକ୍ଷାପଟରେ ଦେଖା ଦେଇଛି। ଉଦାହରଣ ସ୍ୱରୂପ ବଙ୍ଗଳା ସାହିତ୍ୟରେ ମାନିକ ବନ୍ଦୋପାଧ୍ୟାୟଙ୍କର 'ପଦ୍ମା ନଦୀର ମାଝି' (୧୯୩୬) ନଦୀ କେନ୍ଦ୍ରିକ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ। ଏଠି ପଦ୍ମା ନଈ ଜିବୀକା, ଦାରିଦ୍ର ଓ ମାନବିକ ସମ୍ପର୍କର ପ୍ରତୀକ। ସମାନ ଭାବରେ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଅମିତାଭ ଘୋଷଙ୍କର 'ଦ ହଙ୍ଗ୍ରୀ ଟାଇଡ୍' (୨୦୦୪) ଉପନ୍ୟାସରେ ସୁନ୍ଦରବନର ନଈ ଓ ଜୁଆର ଭଙ୍ଗା ମଣିଷର ଜୀବନ ଓ ପରିବେଶଗତ ସଙ୍କଟ ସହିତ ଯୁକ୍ତ ହେଇଛି। ନଦୀ କେନ୍ଦ୍ରିକ କଥା ସାହିତ୍ୟରେ ପରିବେଶଗତ ସଙ୍କଟ ଗୋଟେ ଗୁରୁତ୍ୱପୂର୍ଣ୍ଣ ଥିମ୍। ଶିଳ୍ପାୟନ, ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଫଳରେ ନଈର ଅସ୍ତିତ୍ୱ ବର୍ତ୍ତମାନ ସଙ୍କଟାପନ୍ନ। ସାହିତ୍ୟ ଏହି ସଙ୍କଟକୁ ପ୍ରତିଫଳିତ କରେ ଏବଂ ପରିବେଶ ସଚେତନତା ଗଢ଼ିତୋଳିବା ପାଇଁ ସହାୟତା କରେ । 'ଦ ହଙ୍ଗ୍ରୀ ଟାଇଡ' ଉପନ୍ୟାସଟିକୁ ଏହାର ଏକ ଉଦାହରଣ ଭାବରେ ନିଆଯାଇପାରେ।

ଭାରତୀୟ ସମାଜରେ ନଈ ଦୈନନ୍ଦିନ ଜୀବନ ଓ ଅର୍ଥନୀତି ସହିତ ଅନେକ ସମୟରେ ଧାର୍ମିକ ଆଚାର ସହିତ ବି ଗଭୀର ଭାବରେ ଯୁକ୍ତ। ନଈକୁ କେନ୍ଦ୍ରକରି ଗଢ଼ି ଉଠିଥିବା ଲୋକ ସଂସ୍କୃତି, ଗୀତ, ଉତ୍ସବ ଏବଂ ଆଚାର ଅନୁଷ୍ଠାନ ସାହିତ୍ୟରେ ବି ପ୍ରତିଫଳିତ ହେଇଛି।

ନଈ ଅନେକ ସମୟରେ ସ୍ମୃତି ଓ ନଷ୍ଟାଲଜିଆର ବାହକ ଭାବରେ କାମ କରିଛି । ଦେଶଭାଗ ସାହିତ୍ୟ (ପାର୍ଟିସନ ଲିଟରେଚର)ରେ ନଈ ଏକା ସାଙ୍ଗରେ ଏକ ବିଭାଜନ ରେଖା ଏବଂ ହଜିଯାଇଥିବା ଆତ୍ମ-ପରିଚୟର ପ୍ରତୀକ।

ରୂପକ ଭାବରେ ନଈକୁ ମଧ୍ୟ ବ୍ୟବହାର କରାଯାଇଛି। ସାହିତ୍ୟିକମାନେ ନଈର ଗତିଶୀଳତାକୁ ମାନବ ଜୀବନର ଅନିଶ୍ଚୟତା ଆଉ ପରିବର୍ତ୍ତନ ସହିତ ତୁଳନା କରିଛନ୍ତି। ଏହି ରୂପକଧର୍ମୀ ବ୍ୟବହାର ନଈକୁ କେବଳ ଏକ ପ୍ରାକୃତିକ ଉପାଦାନ ନୁହେଁ ବରଂ ଗୋଟେ ଦାର୍ଶନିକ ଧାରଣାରେ ରୂପାନ୍ତରିତ କରେ। ଜୀବନର ପ୍ରବାହ, ପରିବର୍ତ୍ତନ ଏବଂ ସମୟର ପ୍ରତୀକ ଭାବରେ ନଈକୁ ବ୍ୟବହାର କରାଯାଇଛି।

ନଦୀମାତୃକ ଭାରତବର୍ଷରେ ନଦୀକୁ ନେଇ ପ୍ରାଚୀନ ଯୁଗରୁ ଆଧୁନିକ ଓ ଉତ୍ତର-ଆଧୁନିକ ଯୁଗ ଯାଏଁ ବିଭିନ୍ନ ଭାଷାରେ ବହୁ ଗୀତ, କବିତା, ଗଳ୍ପ, ଉପନ୍ୟାସ ଲେଖା ଯାଇଛି।

ମାନିକ ବନ୍ଦୋପାଧ୍ୟାୟଙ୍କ ଧ୍ରୁପଦୀ ବଙ୍ଗଳା ଉପନ୍ୟାସ 'ପଦ୍ମା ନଦୀର ମାଝୀ' (୧୯୩୬)ରେ ଗ୍ରାମୀଣ ବଙ୍ଗପ୍ରଦେଶର କେଉଟ ସମ୍ପ୍ରଦାୟର ଲୋକମାନଙ୍କର ପ୍ରକୃତି ଏବଂ ସାମାଜିକ ଅବିଚାର ବିରୋଧରେ ସଂଗ୍ରାମର କାହାଣୀ। ପ୍ରଖ୍ୟାତ ବଙ୍ଗୀୟ ଔପନ୍ୟାସିକ ବିଭୁତି ଭୂଷଣ ବନ୍ଦୋପାଧ୍ୟାୟ (୧୮୯୪-୧୯୫୦) ଇଚ୍ଛାମତୀ ନଦୀକୁ ନେଇ ଲେଖିଥିଲେ ତାଙ୍କର କାଳଜୟୀ ଉପନ୍ୟାସ 'ଇଚ୍ଛାମତୀ' । ୧୯୫୦ ମସିହା ଜାନୁଆରୀ ମାସରେ ଏହା ପ୍ରକାଶିତ ହୋଇଥିଲା। ସେହି ବର୍ଷ ନଭେମ୍ବର ମାସରେ ତାଙ୍କ ଦେହାନ୍ତ



ହୋଇଥିଲା ।

ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ବ୍ରିଟିଶ ଶାସିତ ବଙ୍ଗ ପ୍ରଦେଶରେ ଇଚ୍ଛାମତୀ ନଦୀ କୂଳରେ ବସବାସ କରୁଥିବା ଲୋକମାନଙ୍କ କାହାଣୀ ଏ ଉପନ୍ୟାସ । ଜଣେ କୁଳୀନ ବ୍ର ।ହ୍ମଣ ଭବାନୀଶଙ୍କରଙ୍କ ଜୀବନ ଜରିଆରେ ଏକ କାଳଖଣ୍ଡର ସାମାଜିକ ଇତିହାସ ଏ ଉପନ୍ୟାସ । ନୀଳ ଚାଷର ପ୍ରେକ୍ଷାପଟରେ ଲିଖିତ ଏ ଉପନ୍ୟାସରେ ଇଚ୍ଛାମତୀ ନଦୀର ପ୍ରବାହ ଭଳି ଲୋକମାନଙ୍କ ଜୀବନର ସୁଖ ଦୁଃଖ କଥା କୁହାଯାଇଛି, ଜୀବନର ଅର୍ଥ ଖୋଜିବାର ଚେଷ୍ଟା କରାଯାଇଛି । ଏହି ଉପନ୍ୟାସଟି ବିଭିନ୍ନ ଭାରତୀୟ ଏବଂ ବିଦେଶୀ ଭାଷାରେ ଅନୁଦିତ ହୋଇଛି । ୧୯୯୦ରେ ଲକ୍ଷ୍ମୀନାରାୟଣ ମହାନ୍ତି ଏହାକୁ ଓଡ଼ିଆରେ ଅନୁବାଦ କରିଥିଲେ ।

ବୈତରଣୀ ନଦୀରେ ବନ୍ୟା ପ୍ରେକ୍ଷାପଟରେ ଲିଖିତ ଡ. ପ୍ରସନ୍ନ କୁମାର ମିଶ୍ର (୧୯୪୧-୨୦୧୪)ଙ୍କ ଉପନ୍ୟାସ 'ବଢି ପାଣିର ଦାନ୍ତ' ପ୍ରକାଶିତ ହୋଇଥିଲା ୧୯୭୫ରେ । ପ୍ରକାଶକ ଅଧୁନା ପ୍ରକାଶନ । ପରେ ଏହାର ଇଂରାଜୀ ଅନୁବାଦ 'ଦି ଫ୍ୟାଙ୍ଗଲଡ ୱାଟର' ଶୀର୍ଷକରେ ପ୍ରକାଶିତ ହୋଇଛି ।

ଅଦ୍ୱୈତ ମଲ୍ଲବର୍ମନ (୧୯୧୪-୧୯୫୧)ଙ୍କ 'ତିତାସ ଏକଟି ନଦୀର ନାମ' (ତିତାସ ଏକ ନଈର ନାଁ) ପ୍ରକାଶିତ ହୋଇଥିଲା ୧୯୫୬ରେ । ଏହାର କାହାଣୀ ଅବଲମ୍ୱନରେ ଋତ୍ୱିକ ଘଟକ ୧୯୭୩ରେ ନିର୍ମାଣ କରିଥିଲେ ଏକ ଅବିସ୍ମରଣୀୟ ଚଳଚ୍ଚିତ୍ର । ତିତାସ ନଈ କୂଳରେ ବସବାସ କରୁଥିବା କେଉଟ ସମ୍ପ୍ରଦାୟର ଜୀବନ ଏବଂ କ୍ରମପରିବର୍ତ୍ତନ ଉପରେ ଲେଖାଯାଇଛି ଏହି ଧ୍ରୁପଦୀ ଉପନ୍ୟାସଟି ।

ମହାନଦୀକୁ ନେଇ ଅନିତା ଅଗ୍ନିହୋତ୍ରୀଙ୍କ ଉପନ୍ୟାସ 'ମହାନଦୀ' ପ୍ରଥମେ ବଙ୍ଗଳା ଭାଷାରେ ପ୍ରକାଶିତ ହୋଇଥିଲା ୨୦୧୫ରେ । ପରେ ପରେ ଏହା ଓଡ଼ିଆ, ଇଂରାଜୀ, ହିନ୍ଦୀ ଏବଂ ଅନ୍ୟାନ୍ୟ ଭାଷାରେ ପ୍ରକାଶିତ ହୋଇଛି । ଏଥିରେ ମହାନଦୀକୁ ନେଇ ଥିବା ନାନା କିମ୍ବଦନ୍ତୀ ଏବଂ କାହାଣୀକୁ ବର୍ଣ୍ଣନା କରାଯାଇଛି । ମହାନଦୀ କୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ରହୁଥିବା ବିଭିନ୍ନ କାଳଖଣ୍ଡର ଲୋକଙ୍କ କଥା କୁହାଯାଇଛି ଏଥିରେ । ସୁବର୍ଣ୍ଣରେଖା ନଦୀକୁ ନେଇ ନଳିନୀ ବେରାଙ୍କ ଉପନ୍ୟାସ 'ସୁବର୍ଣରେଣୁ ସୁବର୍ଣ୍ଣରେଖା' ପ୍ରକାଶିତ ହୋଇଥିଲା ୧୯୯୯ରେ ।

ପ୍ରତିଭା ରାୟଙ୍କ 'ମଗ୍ନମାଟି' ୧୯୯୯ ମହାବାତ୍ୟା



ପ୍ରେକ୍ଷାପଟରେ ଲିଖିତ ଏକ ଅବିସ୍ମରଣୀୟ ଉପନ୍ୟାସ । ଗୋଟେ ଛୋଟ ନଈକୁ ପ୍ରତୀକ ଭାବରେ ନେଇ ସମାଜର କ୍ରମ ପରିବର୍ତ୍ତନ ଦର୍ଶାଇଛନ୍ତି କନିଷ୍କ ତାଙ୍କ 'ଘାଟ' ଉପନ୍ୟାସରେ ।

ରଞ୍ଜନ ପ୍ରଧାନଙ୍କ ପ୍ରଥମ ଉପନ୍ୟାସ 'ବୁଢା ବଳଙ୍ଗର ମାଝୀ' (୨୦୧୯)ର ପଟ୍ଟଭୂମି ହେଲା ମୟୁରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲା ଦେଇ ପ୍ରବାହିତ 'ବୁଢା ବଳଙ୍ଗ' ନଈ । ଏ ଉପନ୍ୟାସର କାହାଣୀଠୁ ଅଧିକ ରମ୍ୟ ଏହାର ପଟ୍ଟଭୂମି । ଶିମିଳିପାଳ ଜଙ୍ଗଲରେ ଏ ନଈର ଜନ୍ମ । ସେଠିକାର ଜୈବ ବିବିଧତା, ସେଠି ବସବାସ କରୁଥିବା ପ୍ରାଚୀନ ଜନଜାତି ଗୋଷ୍ଠୀଙ୍କ ଜୀବନଶୈଳୀର ବର୍ଣ୍ଣନା ରହିଛି ଏଥିରେ । ତା' ସହିତ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ସଂସ୍କୃତି, ବାଲେଶ୍ୱର ବନ୍ଦର, କୀର୍ତ୍ତନୀୟା ବନ୍ଦର, ବାଲେଶ୍ୱର ସହରରେ ଥିବା ୟୁରୋପୀୟ ବସତି, ବାଲେଶ୍ୱର ଉପକୂଳ ଅଞ୍ଚଳରେ ପର୍ତ୍ତୁଗୀଜ ଜଳଦସ୍ୟୁ ଆତଙ୍କ - ଏସବୁର ବର୍ଣ୍ଣନା ବି ରହିଛି ଏଥିରେ । ତାଙ୍କର ନଦୀକେନ୍ଦ୍ରୀକ ଆଉ ଗୋଟେ ଉପନ୍ୟାସ ହେଲା 'ଗୋବରୀ ନଈର ଗୀତ' (୨୦୨୪) ।

ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କର 'ନଦୀ ନିରବଧି' (୨୦୨୪) ଆଉ ଏକ ସୁନ୍ଦର ନଦୀକେନ୍ଦ୍ରୀକ ଉପନ୍ୟାସ । ଆସାମୀ (ଅହମିୟା) ଭାଷାରେ ନିରୁପମା ବଡ଼ଗୋହାଁଇ ୧୯୮୭ରେ ନଦୀ ପ୍ରେକ୍ଷାପଟରେ ଗୋଟେ ଉପନ୍ୟାସ ଲେଖିଛନ୍ତି 'ସେଇ ନଦୀ ନିରବଧି' । ରୁଦ୍ରାଣୀ ଶର୍ମାଙ୍କ ଉପନ୍ୟାସ 'କହିବୁନେର ମାଲିତା' (କାଶତଣ୍ଡୀର ଗୀତ; ପ୍ରଥମ ପ୍ରକାଶ ୨୦୧୯) ବ୍ରହ୍ମପୁତ୍ର ନଈ ଚରରେ ବସବାସ କରୁଥିବା ବାଂଲାଦେଶର ମୁସଲମାନ (ସ୍ଥାନୀୟ ଭାଷାରେ ମିଆଁ ମୁସଲମାନ) ସମ୍ପ୍ରଦାୟର ଜୀବନକାହାଣୀ । ଏ ଉପନ୍ୟାସରେ ନଈକୁ ଏକ ଅପରାଧୀ ଭାବେ ଚିତ୍ରଣ କରାଯାଇଛି, ଯିଏ ପ୍ରତିବର୍ଷ ବନ୍ୟାରେ ଲୋକଙ୍କ ଘର ଉଜାଡି ଦିଏ ।

# ଜନଜୀବନର ନଈ... ମନ୍ତେଇ

ବାସୁଦେବପୁରର ଉତ୍ତରରେ ପ୍ରବାହିତ 'କାଂଶବାଂଶ' ନଦୀର ଏକ ଶାଖା ଗମେଇ ନଦୀ, ଶାଶୁ ଭୁଆଶୁଣି ମନ୍ଦିର ନିକଟରେ ଦୁଇଭାଗରେ ବିଭକ୍ତ ହୋଇ ଗୋଟିଏ ଧାର ଚୂଡ଼ାମଣି ଦେଇ ସମୁଦ୍ରକୁ ପ୍ରବାହିତ ଏବଂ ଅନ୍ୟ ଏକ ଧାର ମନ୍ଦାରୀର ପୂର୍ବକୁ 'ରାମଗାହଣ' ନାମଧାରଣ ପୂର୍ବକ ଗୁଆଗଡ଼ିଆ ଓ ଲୁଙ୍ଗା ପାଟ ଦେଇ ପୁଣି 'ନୂଆନଈ' ଭାବେ ପରିଚିତ । ଜଗନ୍ନାଥ ପ୍ରସାଦ ପଞ୍ଚାୟତର ପୂର୍ବରୁ ପଶ୍ଚିମକୁ ଗତି କରିଥିବା 'ତାଳବାଙ୍କ' ନଦୀ ଦାସଡିହ ଗ୍ରାମ ନିକଟରେ 'ନୂଆନଈ' ସହ ସଂଯୁକ୍ତ ହୋଇ 'ନାଆପଟା' ନାମରେ ପରିଚିତ ହୋଇଛି । ପୁଣି 'ଘରିଆ ମୁହଁ' ନାମରେ ଅନ୍ୟ ଏକ ନଦୀ ଉପରେ ନିର୍ମିତ ସ୍ଲୁଇସ୍ ଗେଟ୍ ନିକଟରେ 'ନାଆପଟା' ନଦୀ ସଂଯୁକ୍ତ ହୋଇ 'ମନ୍ତେଇ' ନଦୀ ନାମରେ ପ୍ରବାହିତ ହୋଇଛି । ଏହା ବାସୁଦେବପୁର, ତିହିଡ଼ି, ଚାନ୍ଦବାଲି ବ୍ଲକ ମଧ୍ୟଦେଇ ଗତି କରିଛି । 'ମନ୍ତେଇ'କୁ ଏହି ଅଞ୍ଚଳର 'ଦାନ' ବୋଲି ଅଭିହିତ କରାଯାଇଥାଏ । ଜଳସେଚନ ଓ ବନ୍ୟାଜଳ ନିଷ୍କାସନରେ ଏହି ନଦୀର ଭୂମିକା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ।

ଦଧିବାମନପୁର ଠାରୁ ଅନତି ଦୂରରେ ପଦ୍ମପୁର ପଞ୍ଚାୟତର ଉତ୍ତରକୁ ବଡ଼ଅଗାପୁର ନିକଟରେ କଂଚୁଡ଼ି ନଦୀ ପ୍ରବାହିତ ହୋଇ ପଶ୍ଚିମକୁ କଞ୍ଚାନଈ ନାମ ବୋଲାଇ ମନ୍ତେଇକୁ ପୁଷ୍ଟ କରୁଛି । କୁଣ୍ଡି ଓ ଧନ୍ୱନ୍ତ୍ରୀ ନଦୀ ସଦାନନ୍ଦପୁର ଠାରେ ମିଳିତ ହୋଇ 'ଧଳା ନଦୀ' ନାମ ଧାରଣ କରିଛି । ତାହା ସୟା ପଞ୍ଚାୟତର ତଳବନ୍ଧ ଓ ବାହାକୁଲାର ଉତ୍ତର ଦିଗରେ ପ୍ରବାହିତ ହୋଇ ମାଧପୁର ଠାରେ ମନ୍ତେଇକୁ ଛୁଇଁଛି । ସାଳନ୍ଦୀ ଓ ବୈତରଣୀର ବନ୍ୟାଜଳ ନିଷ୍କାସନ ଓ ମାଲ ପରିବହନ ପାଇଁ କନିକା ରାଜାଙ୍କ ଉଦ୍ୟମ କକ୍ରେ ମନ୍ତେଇର ପୂର୍ବତଟସ୍ଥ ଛେଡ଼ାକ ଗ୍ରାମର ବିପରୀତ ପାର୍ଶ୍ୱରେ ବିଶ୍ୱନାଥପୁର ଠାରୁ ହଳଦୀଗଣ୍ଡ ନାମରେ ଏକ ପ୍ରଶସ୍ତ କେନାଲ ଖନନ କରାଯାଇ ମତୋ, ପରମାନନ୍ଦପୁର ପର୍ଯ୍ୟନ୍ତ ବିସ୍ତୃତିଲାଭ କରିଛି । ସମୁଦ୍ରରେ ଜଳ ପ୍ରବଳ ଜୁଆର ସୃଷ୍ଟି ହେଲେ 'ଗମେଇ' ଦେଇ 'ମନ୍ତେଇ'କୁ ଲୁଣାପାଣି ପଶିଆସେ । ଯଦ୍ୱାର ଭେଡ଼ା ଅଞ୍ଚଳରେ ବ୍ୟାପକ ଚାଷଜମି କ୍ଷତିଗ୍ରସ୍ତ ହୋଇଥାଏ । ଏହାର ପ୍ରତିକାର ପାଇଁ ଭେଡ଼ାର ବିଶିଷ୍ଟ ଜମିଦାର ରାୟବାହାଦୂର ଭାସ୍କର ଚନ୍ଦ୍ର ମହାପାତ୍ର ଶାଶୁ ଭୁଆଶୁଣିଠାରେ ମନ୍ତେଇ ଆଡ଼କୁ ପ୍ରବାହିତ ଧାରକୁ ଏକ ଉଚ୍ଚ ବନ୍ଧ ଦ୍ୱାରା ଆବଦ୍ଧ କରିଥିଲେ । ଫଳରେ ତାଙ୍କରି କୃପାରୁ ଭେଡ଼ାବାସୀମାନେ ଉପକୃତ ହେଇଥିଲେ । ଲଗାତର ବର୍ଷା ନହେଲେ ଅବା ନଦୀକୁ ପୁଷ୍ଟ କରୁଥିବା ଉପର ଧାର ବନ୍ଦ ହୋଇଗଲେ ଚୈତ୍ର ବୈଶାଖ ମାସ ବେଳକୁ ସମୁଦ୍ର ଜୁଆର ପ୍ରବଳ ହୋଇ ନଦୀର ଜଳକୁ ଲବଣାକ୍ତ କରିଦିଏ । ଫଳରେ ନଦୀର ଜଳ ବ୍ୟବହାର ଉପଯୋଗୀ ହୋଇ ନଥାଏ । ହଦଗଡ଼ ଯୋଜନାରୁ ପାଣି ଛଡ଼ାଗଲେ ନଦୀପାର୍ଶ୍ୱବର୍ତ୍ତୀ ବ୍ୟାପକ ଅଞ୍ଚଳ ରବି ଫସଲରେ ପୂରି ଉଠେ । ଭେଡ଼ାର ଅନ୍ୟତମ କବି ପଦ୍ମଲୋଚନ ନାୟକ ତାଙ୍କ "ବନ୍ଦିତ କର୍ଣ୍ଣଧାର" କାବ୍ୟରେ ପ୍ରତିପାଦନ କରିଛନ୍ତି-

"ଗଙ୍ଗା ସିନ୍ଧୁ ଗୋଦାବରୀ ଯା' ମନ୍ତେଇ ଧାର
ଦିବ୍ୟଦାତ୍ରୀ, ବରଧାତ୍ରୀ ଆଦ୍ୟ ଜୀବନର ।"

ଭୂଗୋଳ ହେଉଛି ଇତିହାସର ଚକ୍ଷୁ ସଦୃଶ । ଭୂଗୋଳ ହିଁ ସର୍ବଦା ଇତିହାସକୁ ପଥ ନିର୍ଦ୍ଦେଶ କରିଥାଏ । ପୁରାତନ କାଳରେ ଭଦ୍ରକର ଭୌଗୋଳିକ ଅବସ୍ଥା ନୌବାଣିଜ୍ୟକୁ ପ୍ରୋତ୍ସାହିତ କରିଥିଲା । ଏ କ୍ଷେତ୍ରରେ ଭଦ୍ରକର ସ୍ଥାନ ଥିଲା ସ୍ୱତନ୍ତ୍ର । ଜଳପଥର ମାନ୍ୟତା ପାଇଥିବା କୋଷ୍ଟ କେନାଲରେ ନୌବାଣିଜ୍ୟ ସହିତ ଓଡ଼ିଶାର ଐତିହ୍ୟ ଜଡ଼ିତ । ୧୮୬୬ ନ'ଅଙ୍କ ଦୁର୍ଭିକ୍ଷରେ ଅନାହାର କ୍ଲିଷ୍ଟ ଲୋକଙ୍କ କରୁଣ କାହାଣୀ ଓ ମୃତ୍ୟୁର କରାଳ ଚିତ୍ର ସରକାରଙ୍କ ଆଖିକୁ ଖୋଲି ଦେଇଥିଲା । ଜଳସେଚନର ସୁବିଧା ପାଇଁ ରାଜ୍ୟରେ ହାଇଲେବଲ କେନାଲ ଖୋଳା ଯିବା ସଂଗେ ସଂଗେ ପରିବହନର ସୁବିଧା ପାଇଁ କୋଷ୍ଟ କେନାଲ ମଧ୍ୟ ଖନନ କରାଯାଇଥିଲା ତତ୍କାଳୀନ ଓଡ଼ିଶାର ଗଭର୍ଣ୍ଣର ରେଭେନ୍‌ସା ସାହେବଙ୍କ ସମୟରେ । ଚାନ୍ଦବାଲି ବନ୍ଦର ସହ କଲିକତାକୁ ସଂଯୋଗ କରିବା ଏହାର ମୁଖ୍ୟ ପରିକଳ୍ପନା ଥିଲା । କୋଷ୍ଟ କେନାଲ ଚାରିବାଟିଆ ସ୍ଥିତ ମନ୍ତେଇ ନଦୀରୁ ବାହାରି ପଶ୍ଚିମବଂଗର ମେଦିନୀପୁର ଜିଲ୍ଲା ସ୍ଥିତ ଦେଓଗାଁର ହିଜିଲ କେନାଲ ପର୍ଯ୍ୟନ୍ତ ବିସ୍ତୃତି ଲାଭ କରିଥିଲା । ତାହା ମଧ୍ୟ ହୁଗୁଳି ନଦୀ ସହ ସଂଯୁକ୍ତ । ଯଦ୍ୱାରା ଭଦ୍ରକରେ ଆମଦାନୀ ବଳକା ଦ୍ରବ୍ୟ କଲିକତା ରପ୍ତାନୀ କରାଯାଉଥିଲା ଓ ବିନିମୟରେ ତେଜରାତି, ବସ୍ତ୍ର ଆଦି ବ୍ୟବହାର୍ଯ୍ୟ ପଦାର୍ଥ ଆମଦାନୀ କରାଯାଉଥିଲା । ରେଳପଥ ଓ ସଡ଼କପଥର ବିକାଶ ଫଳରେ କୋଷ୍ଟ କେନାଲ ଗୁରୁତ୍ୱ କମିଗଲା ଏବଂ ରକ୍ଷଣାବେକ୍ଷଣର ଅଭାବ ହେତୁ ତାହା କ୍ରମେ ପୋତି ହୋଇ ତା'ର ସତ୍ତା । ପ୍ରାୟ ହରାଇ ବସିଲାଣି । କିନ୍ତୁ ଚାରିବାଟିଆ ଠାରେ ନିର୍ମିତ ପୋତାଶ୍ରୟ ଅକ୍ଷୁଣ୍ଣ ଭାବେ ମୂକସାକ୍ଷୀ ହୋଇ ରହିଛି ଆଗାମୀ ପିଢ଼ିର ଐତିହାସିକ ସମ୍ୱଳ ପାଇଁ । କଲିକତାର ହାଓଡ଼ା ସ୍ଥିତ ମ୍ୟାଟିନ୍ ବର୍ଣ୍ଣ ନାମକ ଏକ ଇଂରେଜ କମ୍ପାନୀର ତତ୍ତ୍ୱାବଧାନରେ ଏହି ପୋତାଶ୍ରୟଟି ନିର୍ମିତ ହୋଇଥିଲା ଏବଂ କଲିକତାରୁ ଆନୀତ ଇଟା ଓ ସୁଡ଼କି ମାଧ୍ୟମରେ ସୁନ୍ଦର କାରୁକାର୍ଯ୍ୟର ନମୁନା ସୃଷ୍ଟି କରାଯାଇଥିଲା ।

'ମନ୍ତେଇ' ନଦୀର ଉପକୂଳବର୍ତ୍ତୀ ସ୍ଥାନ ମାନଙ୍କରେ ଐତିହାସିକ, ସାଂସ୍କୃତିକ ଓ ଧାର୍ମିକ ପୀଠସ୍ଥଳୀମାନ ରହିଛି । ୧୯୨୭ ମସିହା ଡିସେମ୍ୱର ୧୬, ୧୭, ଓ ୧୮ ତାରିଖ ଚାରିବାଟିଆକୁ ଗାନ୍ଧିଜୀଙ୍କ ଆଗମନ ଐତିହାସିକ ପ୍ରସିଦ୍ଧି ଲାଭ କରିଛି । ଗାନ୍ଧିଜୀ ଭଦ୍ରକରୁ ଡଃ. ହରେକୃଷ୍ଣ ମହତାବଙ୍କ ଗାଡ଼ିରେ ପୀରହାଟ ବଜାର ଦେଇ ମନ୍ତେଇ ନଦୀ ପର୍ଯ୍ୟନ୍ତ ଆସିଥିଲେ ଓ ନଦୀ ପାର ହୋଇ ଚାରିବାଟିଆ ଠାରେ ଦୁଇଦିନ ଅବସ୍ଥାନ କରିଥିଲେ । ତାଙ୍କ ଗହଣରେ ଥିଲେ ସହଯୋଗୀ ମୀରାବେନ, ମହାଦେବ ଦେଶାଇ, ଉତ୍କଳମଣି ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବ ଓ କନିକାର ବିପ୍ଳବୀ ନେତା ଚକ୍ରଧର ବେହେରା । ଡଃ. ହରେକୃଷ୍ଣ ମହତାବ ତାଙ୍କ "ଗାନ୍ଧିଜୀ ଓ ଓଡ଼ିଶା" ତଥ୍ୟ ସମ୍ୱଳିତ ପୁସ୍ତକରେ ଉଲ୍ଲେଖ କରିଛନ୍ତି- "ଗାନ୍ଧିଜୀ ତଦାନୀନ୍ତନ ଇଂରେଜ ଶାସକ କୋଠିରେ ଅବସ୍ଥାନ ନକରି ତତ୍ ସଂଲଗ୍ନ ଏକ ଅସ୍ଥାୟୀ ଗୃହ ନିର୍ମାଣ କରାଇ ରାତ୍ରଯାପନ କରିଥିଲେ । ସେଠାରେ ସଭାର ଆୟୋଜନ କରାଇ ଅବହେଳିତ ଅଂଚଳର ଲୋକମାନଙ୍କ ସହ ସୁଖ ଦୁଃଖ ବାଣ୍ଟିଥିଲେ ଓ ମୁକ୍ତି ସଂଗ୍ରାମ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ସେତେବେଳେ କନିକା ରାଜାଙ୍କ ଉତ୍‌ପୀଡ଼ନରେ ପ୍ରଜାମାନେ ଉତ୍‌କ୍ଷିପ୍ତ ହୋଇ ସଂଗ୍ରାମୀ ଚକ୍ରଧର ବେହେରାଙ୍କ ନେତୃତ୍ୱରେ ରାଜାଙ୍କ ବିରୁଦ୍ଧରେ ଆନ୍ଦୋଳନ କରୁଥିଲେ ।" ପ୍ରଜା ଆନ୍ଦୋଳନର ସଠିକ୍ ରିପୋର୍ଟ ସଂଗ୍ରହ କରିବା ପାଇଁ ନୌକାରେ କନିକା ଅଭିମୁଖେ ଯାତ୍ରା କରିଥିଲେ କିନ୍ତୁ ପ୍ରତିକୂଳ ପାଗ ହେତୁ ସେ ଫେରିବାକୁ ବାଧ୍ୟ ହୋଇଥିଲେ । ଏଣୁ ଗାନ୍ଧିଜୀଙ୍କ ପାଇଁ ଚାରିବାଟିଆ ଐତିହାସିକ ପ୍ରସିଦ୍ଧି ଲାଭ କରିଛି ।


**ମଥୁରୀ ମୋହନ ବେହେରା, ଭଦ୍ରକ**

ହିନ୍ଦୀ ଭାଷାରେ ନଈକୁ ନେଇ ଅନେକ ଗଳ୍ପ ଉପନ୍ୟାସ ଲେଖାଯାଇଛି । ଅମୃତ ଲାଲ ଭେଗଡ଼ଙ୍କ 'ଅମୃତସ୍ୟ ନର୍ମଦା' ଏକ ଅଭିନବ ଭ୍ରମଣ କାହାଣୀ। ଲେଖକ ନିଜେ ନର୍ମଦା ନଦୀର ଦକ୍ଷିଣ କୂଳ ୧୮୦୦ କିଲୋମିଟର ପାଦରେ ଚାଲି ଚାଲି ଏ ନଦୀ ସମ୍ପର୍କରେ ପ୍ରତ୍ୟକ୍ଷ ଅଭିଜ୍ଞତା ଆଧାରରେ ଏହାକୁ ଲେଖିଛନ୍ତି। ଏହି ଉପନ୍ୟାସଟି ବିଭିନ୍ନ ଭାରତୀୟ ଭାଷାରେ ଅନୁଦିତ ହୋଇଛି।

ତାମିଲ ଭାଷାରେ ବି ଅନେକ ନଦୀ-କେନ୍ଦ୍ରୀକ କଥାସାହିତ୍ୟ ରହିଛି। କଲ୍କୀ କୃଷ୍ଣମୂର୍ତ୍ତିଙ୍କ ଧ୍ରୁପଦୀ ଐତିହାସିକ ଉପନ୍ୟାସ 'ପନିୟନ ସେଲଭାନ' (କାବେରୀ ନଦୀର ପୁଅ, ୧୯୫୫)ରେ କାବେରୀ ନଦୀ କେବଳ ପ୍ରେକ୍ଷାପଟ ନୁହେଁ, ବରଂ ସୂତ୍ରଧରର କାମ କରେ। ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲକ୍ଷ୍ମୀ ତ୍ରିପୁରାସୁନ୍ଦରୀଙ୍କର ଉପନ୍ୟାସ 'ଓରୁ କାବେରୀଆଇ ପୋଲା' (କାବେରୀ ନଈ ପରି, ୧୯୮୪)ରେ ନଈକୁ ଏକ ରୂପକ ଭାବେ ବ୍ୟବହାର କରାଯାଇଛି ।

ଏ. ମାଧବନଙ୍କ ପୁନାଲୁମ ମନାଲମ (ଏକ ନଈ କୂଳରେ, ୧୯୭୪) ଉପନ୍ୟାସରେ ନଈ ଉପରେ ଜୁଲମ (ଏ କ୍ଷେତ୍ରରେ ନିର୍ବିଚାର ଭାବେ ବାଲି ଉତ୍ତୋଳନ)ର ଫଳ କଣ ହୁଏ ତାହା ମାର୍ମିକ ଭାବେ ଦର୍ଶାଯାଇଛି।

ଭାରତର ପ୍ରଥମ ଗ୍ରାଫିକ ନଭେଲ (ଚିତ୍ର ଉପନ୍ୟାସ) 'ରିଭର ଅଫ ଷ୍ଟୋରିଜ' ନର୍ମଦା ନଦୀ ଏବଂ ନଦୀବନ୍ଧ ଯୋଜନାକୁ ନେଇ ଲେଖାଯାଇଛି। ଅରିଜିତ ସେନ ଏହାକୁ ଲେଖିଛନ୍ତି, ୧୯୯୪ରେ ପ୍ରକାଶିତ ହୋଇଥିଲା। ଖୋଜି ବସିଲେ ବିଭିନ୍ନ ଭାରତୀୟ ଭାଷାରେ ଏମିତି ଅନେକ ନଦୀ-କେନ୍ଦ୍ରିକ ଉପନ୍ୟାସ କଥା କୁହାଯାଇ ପାରିବ।



ନଦୀ-କେନ୍ଦ୍ରିକ ଗଳ୍ପ କାହାଣୀ ଉପନ୍ୟାସକୁ ନେଇ ଏକ ଭିନ୍ନ ଗଳ୍ପ-ଧାରା ଜନ୍ମ ନେଇଛି ବୋଲି କହନ୍ତି 'ରତଲେଜ'ରୁ ମାର୍ଚ୍ଚ ୨୦୨୫ରେ ପ୍ରକାଶିତ 'ରିଭର ଫିକସନ ଅଫ୍ ଇଣ୍ଡିଆ' ପୁସ୍ତକର ସମ୍ପାଦକ ଶୁଭଦିପ ରାୟ। ତାଙ୍କ ମତରେ ନଦୀ-କେନ୍ଦ୍ରିକ ଏବଂ ନଦୀ କୂଳରେ ବସବାସକାରୀ ଲୋକମାନଙ୍କ ଗଳ୍ପ, କାହାଣୀ, କଥା, କିମ୍ବଦନ୍ତୀ - ସେମାନଙ୍କ ଜୀବନ, ପରିବେଶ ଉପରେ ନିର୍ଭରଶୀଳତା, ଭୌଗଳିକ ଏବଂ ଐତିହାସିକ ପ୍ରେକ୍ଷାପଟ, ଅର୍ଥନୀତି ଓ ରାଜନୀତି - ଏସବୁ ଭାରତୀୟ ଗଦ୍ୟ କାହାଣୀର ଏକ ଭିନ୍ନ ଧାରା ସୃଷ୍ଟି କରିଛି।

ଆଧୁନିକ ଓ ଉତ୍ତର-ଆଧୁନିକ ଓଡ଼ିଆ କଥାସାହିତ୍ୟରେ 'ନଦୀ' କୁ ନୂତନ ଏବଂ ସମସାମୟିକ ପ୍ରସଙ୍ଗଗୁଡିକୁ ରେଖାଙ୍କିତ କରିବା ପାଇଁ ବ୍ୟବହାର କରାଯାଇଛି। ବନ୍ଧ ନିର୍ମାଣ, ବନ୍ୟା, ପରିବେଶ ଦୂଷଣ, ଓ ଜନସ୍ଥାନାନ୍ତରଣ ପରି ପ୍ରସଙ୍ଗଗୁଡ଼ିକ ନଦୀକୁ କେନ୍ଦ୍ର କରି ଗଢ଼ାଯାଇଛି। ନଦୀ ଏଠାରେ ଏକ ସଂଘର୍ଷର ମଞ୍ଚ-ଉନ୍ନତି ଓ ପ୍ରକୃତି ମଧ୍ୟରେ ଦ୍ୱନ୍ଦ୍ୱର ପ୍ରତୀକ।

ନଦୀକେନ୍ଦ୍ରିକ ଭାରତୀୟ ସାହିତ୍ୟର ଏକ ଅନ୍ୟତମ ଦିଗ ହେଉଛି ଏହାର କାବ୍ୟମୟ ଭାଷା ଓ ପରିବେଶ ଚିତ୍ରଣ। ନଦୀର ଲହରି, ଧାରା, ତୀର, ଓ ଋତୁପରିବର୍ତ୍ତନକୁ ଲେଖକମାନେ ଏମିତି ଭାବରେ ଅଙ୍କନ କରିଛନ୍ତି ଯେ ପାଠକ ମନରେ ଏକ ସଜୀବ ଚିତ୍ର ଗଢ଼ିଉଠେ।

ଉପସଂହାର

ଭାରତୀୟ ନଦୀକେନ୍ଦ୍ରିକ କଥା ସାହିତ୍ୟ ଏକ ବହୁମାତ୍ରିକ ସାହିତ୍ୟ ଧାରା ଯେଉଁଠି ପରିବେଶ, ସମାଜ, ସଂସ୍କୃତି ଏବଂ ଦାର୍ଶନିକ ଭାବନା ଏକା ସାଙ୍ଗରେ ମିଶିଯାଇଛନ୍ତି। ନଈ ଏଠି କେବଳ ଏକ ପଟ୍ଟଭୂମି ନୁହଁ ବରଂ ଏକ ସକ୍ରିୟ ଚରିତ୍ର ଯାହା ମାନବ ଜୀବନର ନାନା ଦିଗକୁ ପ୍ରଭାବିତ କରେ।

ନଦୀକେନ୍ଦ୍ରିକ କଥାସାହିତ୍ୟ କେବଳ ପ୍ରକୃତିର ବର୍ଣ୍ଣନା ନୁହେଁ, ଏହା ଜୀବନର ଏକ ଗଭୀର ଦାର୍ଶନିକ ଅନୁସନ୍ଧାନ। ନଦୀ ଏଠାରେ ସମୟ, ସ୍ମୃତି, ସଂଘର୍ଷ ଓ ସ୍ୱପ୍ନର ପ୍ରତୀକ ଭାବେ ପ୍ରବାହିତ ହୋଇ ଚାଲିଛି। ଓଡ଼ିଆ ସାହିତ୍ୟର ଏହି ଧାରା ଆମକୁ ସ୍ମରଣ କରାଏ-ନଦୀ ଭଳି ମାନବ ଜୀବନ ମଧ୍ୟ ଏକ ଅବିରାମ ଯାତ୍ରା ହୋଇପାରେ - ତେବେ ଅନନ୍ତ ହେବ କି ନାହିଁ - ତାହା ଅନେକଗୁଡ଼ିଏ ପ୍ରସଙ୍ଗ ଉପରେ ନିର୍ଭର କରିବ - ତା ଭିତରୁ ମଣିଷ ନଦୀକୁ ସମ୍ମାନ କରୁଛି କି ନାହିଁ, ନଦୀକୁ ବଂଚିବାକୁ ଦେଉଛି କି ନାହିଁ - ସବୁଠୁ ବଡ଼ ପ୍ରସଙ୍ଗ। ଭବିଷ୍ୟତରେ ପରିବେଶଗତ ସଙ୍କଟର ପ୍ରେକ୍ଷାପଟରେ ଏହି ସାହିତ୍ୟ ଧାରା ଆହୁରି ଗୁରୁତ୍ୱପୂର୍ଣ୍ଣ ହେଇ ଉଠିବ।

**ନିର୍ମାଲ୍ୟ, ଭିଆପି-୨୧, ଲିଟିଲ ଓଡିଶା, ଛତାବର,**
**ଭୁବନେଶ୍ୱର, ମୋବାଇଲ: ୯୪୩୭୦୨୬୧୯୪**

**ମନକୁ ଆସିଲା ଯାହା ୬୭**

# ରେଳଯାତ୍ରାର ପ୍ରକୃତ ଆନନ୍ଦ

**ସୌମ୍ୟଶ୍ରୀ ପାଣିଗ୍ରାହୀ**



କଥା ଆରମ୍ଭ କରିବା ସେଇଠୁ, ଯେଉଁଠି ମୁଁ ଗତ ସପ୍ତାହରେ ଛାଡିଯାଇଥିଲି। ମୁଁ ହାଓ୍ୱଡା ରେଳ ଷ୍ଟେସନର ୨୩ ନମ୍ବର ପ୍ଲାଟଫର୍ମରେ ଛିଡାହୋଇ, ଏ ଅସମ୍ଭାଳ ଭିଡ଼ରେ ଟ୍ରେନ ଭିତରେ ମୋ ସିଟ ପାଖରେ କେମିତି ପହଞ୍ଚିବି ଭାବୁଥାଏ। ହଠାତ କେହି ଜଣେ ମୋ କାନରେ କହିଲା 'ପକେଟ ଖାଲି କର, ଟଙ୍କା ୫୦୦ ଦଉନ, ମୁଁ ନେଇ ସିଟରେ ପହଞ୍ଚେଇ ଦେବିନି..!!' ମୁଁ ବୁଲିପଡି ପଛକୁ ଅନେଇଲା ବେଳକୁ ସେ ହେଉଛି ସେଇ ଲୋକ, ଯିଏ କେଇମୁହୂର୍ତ୍ତ ଆଗରୁ ହ୍ୱିସିଲ ମାରି ମଲିମୁଣ୍ଡିଆ ସାଧାରଣ ଟିକଟଧାରୀ ମାନଙ୍କୁ ଧାଡ଼ି କରାଉଥିଲା। ମୁଁ ସାମାନ୍ୟ ହସିଦେଇ ଆରକ୍ଷିତ ବଗିରେ ମୋର ଟିକଟ ଅଛି ବୋଲି କହିଲି ସିନା, ମନେମନେ ଭାବିଲି, ଏଠି ଏ ଖେଳ ବି ଚାଲିଛି। ଧକ୍କା ପେଲାରେ ଧାଡ଼ିରେ ଲାଗ ନହେଲେ ୫୦୦ ଟଙ୍କା ଦିଅ ଅନାରକ୍ଷିତ ସାଧାରଣ ବଗିରେ ସିଟ ଖଣ୍ଡେ ପାଇଁ। ସବୁଠି ଚାଲିଛି ହାତ ଗୁଞ୍ଜା। ଆରକ୍ଷିତ ଶ୍ରେଣୀରେ ବି ପ୍ରତୀକ୍ଷା ସୂଚୀରେ ଥିଲେ ଶେଷରେ ଏଇ ହାତ ଗୁଞ୍ଜା ହିଁ ଏକମାତ୍ର ଭରସା।

ଧୀରେଧୀରେ ଭିଡ଼କାଟି ମୁଁ ରେଳରେ ଚଢିସାରି ମୋ ନିର୍ଦ୍ଧାରିତ ସିଟରେ ବସିଲି। ମୋ ବାଁ ପଟେ ବସିଥାନ୍ତି ବୟସ୍କ ବ୍ୟକ୍ତି ଜଣେ। ମୁଣ୍ଡ ବାଳ ଧଳା ପଡିସାରିଥିଲେ ବି ସେ ନିଜକୁ ଅଧିକ ଯୁବକ ବୋଲି କହୁଥାନ୍ତି ବାରମ୍ବାର। ପିନ୍ଧିଥାନ୍ତି ଏକ ଟ୍ରାଉଜର ସାଙ୍ଗକୁ ଖଣ୍ଡେ ଢିଲା ଟି-ସାର୍ଟ, ଯାହା ଉପରେ ଲେଖାଥାଏ, ମୋ ବୟସ ସିନା ୬୦ ମାତ୍ର ମୁଁ ୪୦ ବର୍ଷର ଅଭିଜ୍ଞତା ଥିବା ୨୦ ବର୍ଷୀୟ ଯୁବକଟିଏ ପରା। ସେତିକି ହୁଏତ ଯଥେଷ୍ଟ ହେଲାନି ଯେ, ନିଜକୁ ଆଖପାଖର ଅନ୍ୟ ସମସ୍ତଙ୍କ ଠାରୁ ବିଜ୍ଞ ବୋଲି ପ୍ରମାଣିତ କରିବାରେ ଲାଗିପଡ଼ିଥାନ୍ତି ସେ। କେତେବେଳେ ଟ୍ରେନ ଡବାରେ ସିଟର ଡିଜାଇନ ବିଷୟରେ କହୁଥାନ୍ତି ତ କେତେବେଳେ ଭାରତୀୟ ରେଳର ଆଇସିଏଫ ଓ ଏଲଏଚବି କୋଚ ମଧ୍ୟରେ ପ୍ରଭେଦ ବୁଝାଉଥାନ୍ତି। କେତେବେଳେ ପୁଣି ଆମ ଟ୍ରେନର ମାର୍ଗ, ସମୟ ସାରଣୀ ଓ ଆଗାମୀ ଷ୍ଟେସନ ଗୁଡିକ ବିଷୟରେ ଧାରାବିବରଣୀ ଶୁଣେଇ ଶୁଣେଇ ସମସ୍ତଙ୍କୁ ନିର୍ଘାତ ବିରକ୍ତ କରିଚାଲିଥାନ୍ତି। ନିଜର ଏହି ଅନାବଶ୍ୟକ ବିଜ୍ଞତାକୁ କେହିବି ପସନ୍ଦ କରୁନାହାନ୍ତି ବୋଲି ଏମାନେ ସହଜରେ ଜାଣିପାରନ୍ତି ନାହିଁ ବୋଧେ।

ଏତିକି ବେଳେ ବଗି ଭିତରକୁ ପଶିଆସିଲା ଚା'ବାଲା କି ଅନ୍ୟକେହି ବୁଲା ବିକାଳିଟିଏ। ବଗିରେ ଯେତେ ଭିଡ଼ ହୋଇଥିଲେ ବି ଦୁର୍ଦ୍ଧାନ୍ତ ଯୋଦ୍ଧାଟିଏ ପରି ଭିଡ଼କାଟି ଅନାୟସରେ ଆଗେଇଯିବାର ଅଦ୍ଭୁତ କ୍ଷମତା ଥାଏ ବୋଧେ ଏମାନଙ୍କ ପାଖରେ। ଖାଲିସେତିକି ନୁହେଁ, ମୁଣ୍ଡରେ କି ହାତରେ ନିଜର ବିକ୍ରୀ ଜିନିଷତକ ଧରି ଚଳନ୍ତା ଟ୍ରେନରୁ ବି ଖୁବ ସହଜରେ ଓହ୍ଲେଇଯିବାର କଳାରେ ଏମାନେ ପାରଙ୍ଗମ। ଖାସ ଏଇଥିପାଇଁ ବୋଧେ ଏମାନେ ସ୍ୱତନ୍ତ୍ରଭାବେ ତାଲିମ ପ୍ରାପ୍ତ। ସେମାନଙ୍କ ପାଖରୁ ମୁହଁଫେରେଇ ଆଣିଲା ବେଳକୁ ଆଖି ସାମ୍ନାରେ ପଡ଼ିଗଲା ଯୁବକଟିଏ, ଯିଏ ନିଜର ବେଶଭୁଷା ପାଇଁ ଅଲଗା ବାରି ହେଇପଡୁଥିଲା। କଙ୍କାଳସାର ଦେହରେ ଢିଲା ସାର୍ଟ ଖଣ୍ଡେ ଓ ମୁହଁରେ ଅଯତ୍ନବର୍ଦ୍ଧିତ ଦାଢୀ ସାଙ୍ଗକୁ ମୁଣ୍ଡରେ ଅଲରା ବାଳ। ପାଦର ଜୋତାକୁ କାଢିଦେଇ ରଖିଦେଇଥିଲା ଟ୍ରେନର ଛାତରୁ ଝୁଲୁଥିବା ପଙ୍ଖା ଉପରେ। ପୁଣି ଟ୍ରେନରେ ଚଢିବା ପରଠୁଁ ହିଁ ନିର୍ବିକାର ଭାବେ ଗପି ଚାଲିଥିଲା ଫୋନରେ କାହାସହ। ଯା ସହ ତାଳ ଦେଉଥିଲେ ନିଜକୁ ସମ୍ଭ୍ରାନ୍ତ ଦେଖେଇବାକୁ ଚେଷ୍ଟା କରୁଥିବା ଅଲାଜୁକ ବେହିଆ ଦଳ। ଏମାନେ କାନରେ ଇୟରଫୋନ ନଦେଇ ଉଚ୍ଚ ସ୍ୱରରେ ଶୁଣିଚାଲିଥିଲେ ୟୁଟ୍ୟୁବର ଭିଡ଼ିଓ ନଚେତ ନିତାନ୍ତ ଅରୁଚିକର ଦ୍ୱିଅର୍ଥ-ବୋଧକ ଭୋଜପୁରୀ ଉଚ୍ଛାଙ୍ଗ ସଙ୍ଗୀତ। ଅଚାନକ ମୋର ଛାଇନିଦ ଭାଙ୍ଗିଗଲା ତ ମୋତେ ଲାଗିଲା ମୁଁ ବୋଧେ କେଉଁ ଗାଁ ଛକ ମୁଣ୍ଡର କ୍ଲବ ଘରେ ବସିଯାଇଛି।

ଏତିକି ବେଳେ ଟିଟିଇ ଆସି ମୋର ଟିକେଟ ୩ୟ ଶ୍ରେଣୀ ବାତାନୁକୂଳିତରୁ ୨ୟ ଶ୍ରେଣୀକୁ ଆପେଆପେ ଉନ୍ନିତ ହୋଇଯାଇଛି ବୋଲି ଜଣାଇଲେ। ବିଶ୍ୱାସ କରନ୍ତୁ, ସେଇ ମୁହୂର୍ତ୍ତରେ ମୋର ମନେହେଲାଯେ, ସେ ହିଁ ହେଉଛନ୍ତି ମୋ ପାଇଁ ସାକ୍ଷାତ ଭଗବାନଙ୍କ ଅବତାର। ମୁଁ ମୋର ବ୍ୟାଗ ଧରି ପରିବର୍ତ୍ତିତ ବଗିକୁ ଯିବାକୁ ବାହାରିଲି ତ' ନଜର ପଡିଲା ଶୌଚାଳୟ ପାଖରେ ବସି ମୋବାଇଲକୁ ଚୁମା ଦେଇ ଚାଲିଥିବା କ୍ଷୀଣକାୟ ଯୁବକଟେ ଉପରେ। ବୁଝିବାକୁ ବାକିରହିଲାନି ଯେ, ସେ ଯୁବକଟି ନିଜ ପ୍ରେୟସୀ ସହ ପ୍ରେମାଳାପରେ ନିମଗ୍ନ ଅଛି। ସେଇଠି ୨-୪ ଜଣ ବିନା ଟିକେଟର ଯାତ୍ରୀ ତଳେ ଖବରକାଗଜ ପକେଇ ବସିଥିଲେ ବୋଧେ, ଟିଟିଇ ସେମାନଙ୍କୁ ଉଠେଇଦେଇଛି ଏବଂ ହାତଗୁଞ୍ଜା ଦେବା ପୂର୍ବର ମୁଲଚାଲ ଚାଲିଛି। ମୁଁ ଯେତେବେଳେ ୨ୟ ଶ୍ରେଣୀ ବଗିରେ ପ୍ରବେଶ କଲି ପ୍ରଥମେ ପର୍ଦ୍ଦା ଗୁଡିକ ଦେଖି ଖୁସି ହେଇଗଲି। ମାତ୍ର ଯେତେବେଳେ ପର୍ଦ୍ଦା ଆଡେଇ ମୋ ନିଜ ସିଟରେ ବସିବାକୁ ବାହାରିଲି ସାମ୍ନାରେ ଥିଲେ ଏକ ନବବିବାହିତ ଯୋଡ଼ି। ସେମାନେ ଏତେ ଅନ୍ତରଙ୍ଗ ଭାବେ ଆଖପାଖକୁ ନଜର ଅନ୍ଦାଜ କରିବସିଥିଲେ ଯେ, ବୋଧହୁଏ ଭୁଲିଯାଇଥିଲେ ଏହା ଏକ ଚଳନ୍ତା ରେଳ ବଗି ବୋଲି। ପ୍ରତି ୨-୩ ମିନିଟ ଅନ୍ତରରେ ପରସ୍ପରକୁ ଗଭୀର ଆବେଗରେ ଭିଡ଼ିଧରି ଚୁମା ଦେବାରେ ସେମାନେ ଏତେ ମଜ୍ଜି ଯାଇଥିଲେ ଯେ, ମୋତେ ଲାଜ ଲାଗିଲା। ଅଗତ୍ୟା ମୁଁ ଉଠି ଚାଲିଗଲି ସେ ସ୍ଥାନ ଛାଡ଼ି।

ହଠାତ ନଜର ପଡିଲା ଆଉ ଜଣେ ଯୁବକଙ୍କ ଉପରେ। ଚାର୍ଜିଂ ପଏଣ୍ଟରେ ମୋବାଇଲକୁ ଲଗେଇ ବେକକୁ ଭାଙ୍ଗି ସେ ମଧ୍ୟ କଥା ହେଉଥାନ୍ତି କାହାସହ ଏବଂ ଦୁଇହାତ ପାପୁଲିରେ ତାଳି ମାରିବା ପରି ଖଇନି/ଦୋକ୍ତା ମଳିବାରେ ବ୍ୟସ୍ତ ଥାଆନ୍ତି। ଏଡ଼େ ଜୋର କଥାହେଉ ଥାଆନ୍ତି ଯେ, ମୁଁ ଭାବିଲି ଭଲ ହୋଇଛି ଯେ ଭଦ୍ରବ୍ୟକ୍ତି ଏଠି କବାଟ ପାଖରେ ଛିଡ଼ାହେଇଛନ୍ତି। ବୋଧହୁଏ ଟ୍ରେନ ଅଟକିଥାଏ କେଉଁ ଏକ ଷ୍ଟେସନରେ। କିଛି ଲୋକ ପାଣିବୋତଲ ଭରିବାକୁ ଏମିତି ଦୌଡୁଥାନ୍ତି ଯେମିତି ପୃଥିବୀର ଶେଷତମ ପାଣିବୁନ୍ଦାକ ଏଇ ଷ୍ଟେସନରେ ହିଁ ମିଳିବ। କିଛି ଦୂରରେ ଛିଡ଼ାହୋଇ କିଛି କିନ୍ନର ନିଜ ଭିତରେ ସେଦିନ ସାରାର ପଇସାର ଭାଗବଣ୍ଟା କରୁଥାନ୍ତି। ଅନତିଦୂରରେ ଏକ ବୁଢାଟିଏ (ବୋଧେ ପାଗଳଟିଏ ହେବ) ଶୋଇରହି ଏକ ରୋଗୀଣା କୁକୁର ସହ ଉଚ୍ଚ ସ୍ୱରରେ କଥା ହେଉଥାଏ। ଯିଏ ସବୁ ଓହ୍ଲେଇବା କଥା ସେମାନେ କେତେବେଳୁ ଯାଇସାରିଥାନ୍ତି ମାତ୍ର ସିଗନାଲ ହୋଇନଥିବାରୁ ଟ୍ରେନ ଛାଡ଼ିନଥାଏ। ମୁଁ ଆଉକିଛି ସମୟ ସେଇ ଫାଙ୍କା ପ୍ଲାଟଫର୍ମରେ ଛିଡା ହୋଇରହିଲି। ଯିଏ ସବୁ ଚଢିବାକଥା ସେମାନେ ବି ଚଢିସାରିଥାନ୍ତି। ଏତିକିବେଳେ ପଛପଟୁ ଗାର୍ଡ ସବୁଜ ଟର୍ଚ୍ଚଲାଇଟ ଦେଖାଇଲେ ଓ ଟ୍ରେନ ହ୍ୱୀସିଲ ମାରି ଆଗକୁ ବଢ଼ିବାକୁ ଉଦ୍ୟତ ହେଲାବେଳକୁ ମୁଁ ଟ୍ରେନରେ ପୁଣି ଚଢିଗଲି।

ଡବା ଭିତରକୁ ପଶିଲି ତ ଏକ ଅଦ୍ଭୁତ ଶବ୍ଦ କାନରେ ବାଜିଲା। ବିଭିନ୍ନ ସ୍ୱରରେ ଘୁଙ୍ଗୁଡି ମାରିବାରେ ଲାଗିଥାନ୍ତି ଲୋକମାନେ। କିଏ ହ୍ୱିସିଲ ପରି ତ' କିଏ ବିଗୁଲ କି ତୁରୀପରି ଭୟଙ୍କର ଓ ବିକଟାଳ ଶବ୍ଦମାନ କରୁଥାନ୍ତି। ଏସବୁ ବିଭିନ୍ନ ପ୍ରକାର ଘୁଙ୍ଗୁଡି ଶବ୍ଦକୁ ଯଦି ଆଖିବନ୍ଦ କରି ଶୁଣିବେ ଆପଣଙ୍କୁ ଏକ ଭିନ୍ନ ଜଗତର ନିଆରା ସଂଗୀତ କାର୍ଯ୍ୟକ୍ରମ ପରି ନିଶ୍ଚୟ ଶୁଣାଯିବ। ସବୁଠାରୁ ବଡକଥା ହେଉଛି ରାତିତମାମ ଏମାନେ ନିର୍ଘାତ ଘୁଙ୍ଗୁଡି ମାରି ଅନ୍ୟମାନଙ୍କୁ ଶୁଏଇ ଦେଇନଥିବେ କିନ୍ତୁ ସକାଳେ ନିଷ୍ପାପ ଶିଶୁଟେ ପରି ଉଠିବେ ଓ ନିଶ୍ଚୟ କହିବେ, ଚଳନ୍ତା ଟ୍ରେନରେ ନିଦ ଠିକ ହେଲାନି ବୋଲି। ମୁଁ ଭାବେ ଗତରାତିରେ କରିଥିବା ଭୟଙ୍କର ଅପରାଧ ପାଇଁ ଯମଲୋକରେ ଏମାନଙ୍କ ପାଇଁ ସ୍ୱତନ୍ତ୍ର ତେଲ କଢେଇର ବ୍ୟବସ୍ଥା କରିବା ଦରକାର। ମୁଁ ମୋ ସିଟ ପାଖରେ ପହଞ୍ଚିବା ପୂର୍ବରୁ ହଠାତ ନଜର ପଡିଗଲା ଉପର ସିଟରେ ବସି ପରଦା ଫାଙ୍କାରୁ ଚଷମା ପିନ୍ଧା ମୁହଁଟି କାଢି ଅନେଇଥିବା ଚନ୍ଦା ମୁଣ୍ଡିଆ ଲୋକଟା ଉପରେ। ସତକହୁଛି ମୋ ମନକୁ ଆସିଲା, ଏଇ ମାନଙ୍କୁ ଦେଖି ବୋଧେ ସିସିଟିଭି କ୍ୟାମେରା ଚିନ୍ତା ପ୍ରଥମେ ମନକୁ ଆସିଥିବ।

ଏତିକି ବେଳେ ସେପଟରୁ କାହାର ଫୋନ ବାଜି ଉଠିଲା ଏକ ଅଦ୍ଭୁତ ରିଂ ଟୋନ ସହ ଏବଂ ତାପରେ ଆରମ୍ଭ ହୋଇଗଲା ଉଚ୍ଚସ୍ୱରରେ ବେପାର ସମ୍ବନ୍ଧୀୟ କଥାବାର୍ତ୍ତା। ମୁଁ ସ୍ଥିର ନିଶ୍ଚିତ ଥିଲି ଯେ, ସେ ବଗିର ଅଧେ ଲୋକଙ୍କର ନିଦ ନିଶ୍ଚିତ ରୂପେ ଭାଂଗି ସାରିଥିବ ଏଥିରେ। ଟ୍ରେନ ସେତେବେଳକୁ ଷ୍ଟେସନରୁ ଅନେକ ବାଟ ଆଗକୁ ଆସିସାରିଥିଲା। ଟ୍ରେନର ବେଗ ବି ଖୁବ ବଢି ସାରିଥିଲା। ମୁଁ ଏଥର ଭାବିଲି ଏସବୁ ଭିନ୍ନ ଭିନ୍ନ ଲୋକଚରିତ୍ରର କଥା ଭାବି ଭାବି ମୋର ସୁଖନିଦ ଟିକକ କାହିଁକି ଖରାପ କରିବି ? କେଉଁ ଜନ୍ମର କୋଟି ପୁଣ୍ୟର ଫଳ ସ୍ୱରୁପ ମୋତେ ଆଜି ଭାରତୀୟ ରେଳରେ ଏକ ଆରକ୍ଷିତ ସିଟ୍ ମିଳିଯାଇଛି ପୁଣି ଆପେ ଆପେ ତାହା ଉଚ୍ଚ ଶ୍ରେଣୀକୁ ପରିବର୍ତ୍ତିତ ହୋଇସାରିଛି ଯେତେବେଳେ, ମୁଁ ଯାତ୍ରାର ଆନନ୍ଦ କାହିଁକି ଉପଭୋଗ ନ କରିବି..? ଏତିକି ଭାବି ମୁଁ ଶୌଚାଳୟକୁ ଗଲି ଓ ସଫା ସୁତୁରା ଶୌଚାଳୟ ଦେଖି ପୁଣି ଖୁସି ହେଇଗଲି। ଫେରିଆସି ନିଜ ସିଟରେ ବେଡସିଟ୍, କମ୍ବଳ ଓ ତକିଆକୁ ସଜେଇ ରଖି ଶୋଇବାକୁ ଚେଷ୍ଟାକଲି। ଟ୍ରେନ ଆଗକୁ ବଢ଼ି ଚାଲିଥାଏ। ମୁଁ ମନେମନେ ଭାବୁଥିଲି, ଏଇଟାହିଁ ଭାରତୀୟ ରେଳରେ ଯାତ୍ରାର ପ୍ରକୃତ ଆନନ୍ଦ। ଭିନ୍ନଭିନ୍ନ ଚରିତ୍ରର ଲୋକଙ୍କୁ ଏକାଠି ଦେଖିବା, ଏଇଟା କେବଳ ରେଳରେ ହିଁ ସମ୍ଭବ। ନାଁ କଣ କହୁଛନ୍ତି...!!

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ସମର ଆଉଟ୍‌ଫିଟ୍

**ଅନେକ ସମୟରେ ଦେଖିବାକୁ ମିଳେ ଯୁବତୀମାନେ ଋତୁ ଅନୁସାରେ ଫ୍ୟାସନକୁ ଆପଣାନ୍ତି। ବର୍ତ୍ତମାନ ଗ୍ରୀଷ୍ମ ଋତୁରେ ଯୁବତୀମାନେ ଏହି ଷ୍ଟାଇଲିସ୍ ପୋଷାକକୁ ଫ୍ୟାନ୍ସି ଏବଂ ଟ୍ରେଣ୍ଡି ଲୁକ୍ ପାଇଁ ଆପଣେଇଛନ୍ତି। ଏହି ପୋଷାକ-ଗୁଡ଼ିକୁ ଯେକୌଣସି କାଜୁଆଲ୍ ଅକେଜନ୍‌ରେ ମଧ୍ୟ ପିନ୍ଧିପାରିବେ। ସେହିପରି କପଡ଼ା ମଧ୍ୟ ଲାଇଟ୍ ଅଟେ। ଏଗୁଡ଼ିକ ହେଉଛି ଆଧୁନିକ ଲୁକ୍ ଏବଂ ଡିଜାଇନ୍‌ର ପୋଷାକ। ଯୁବତୀମାନେ ଖରା ବା ଗରମରୁ ରକ୍ଷା ପାଇବା ପାଇଁ ଢିଲା ବା ଲାଇଟ୍ କଲର୍‌ର ଡ୍ରେସ୍ ପିନ୍ଧିବାକୁ ପସନ୍ଦ କରନ୍ତି। ତେଣୁ ଆସନ୍ତୁ ଜାଣିବା ଗ୍ରୀଷ୍ମ ଋତୁର ଫ୍ୟାସନ୍ ଟ୍ରେଣ୍ଡ୍ ସମ୍ପର୍କରେ।**





## କୋ-ଅର୍ଡ଼ ଡ୍ରେସ୍

ଏହି ଲାଟେଷ୍ଟ୍ ଫ୍ୟାସନ କୋ-ଅର୍ଡ଼ ଡ୍ରେସ୍‌କୁ ଯୁବତୀମାନେ ଅଧିକ ପସନ୍ଦ କରନ୍ତି। ଋତୁ ଅନୁସାରେ ଫ୍ୟାସନ ଆପଣାଇବାକୁ ଚାହୁଁଛନ୍ତି, ତେବେ ଆପଣଙ୍କ ପାଇଁ ପରଫେକ୍ଟ ଫିଟ୍ ରହିବ। ଏହି ପୋଷାକ ଆରାମଦାୟକ ଫିଟିଂ ସହ ଏକ କମ୍ଫର୍ଟ ଅନୁଭବ ଦେଇଥାଏ। ଏହାର ଟପ୍ ଏବଂ ସ୍କର୍ଟ ସେଟ୍‌ରେ ଉପଲବ୍ଧ। ଏହି ପୋଷାକକୁ କାଜୁଆଲ୍ ଏବଂ ପାର୍ଟି ଅକେଜନ୍‌ରେ ପିନ୍ଧିପାରିବେ। ଏହା ଆପଣଙ୍କୁ ଏକ ଆଧୁନିକ ଏବଂ ଷ୍ଟାଇଲିସ୍ ଲୁକ୍ ମଧ୍ୟ ଦେଇଥାଏ।

## ପ୍ରିଣ୍ଟେଡ୍ ଡ୍ରେସ୍

ଏହି ପ୍ରିଣ୍ଟେଡ୍ ଡ୍ରେସ୍‌ଟି ହେଉଛି ଆଣ୍ଠୁ ପର୍ଯ୍ୟନ୍ତ ହୋଇଥିବାରୁ ମହିଳାମାନଙ୍କ ପାଇଁ ଏହା ଏକ ଆକର୍ଷଣୀୟ ପୋଷାକ। ଏହି ଡ୍ରେସ୍‌ଟି ଆଜିକାଲି ବହୁତ ଟ୍ରେଣ୍ଡ୍‌ରେ ରହିଛି। ମହିଳାମାନଙ୍କ ପାଇଁ ଗ୍ରୀଷ୍ମ ଋତୁରେ ଏହି ପୋଷାକ ବହୁତ ଭଲ ବିକଳ୍ପ ହୋଇପାରେ। ଏହି ଡ୍ରେସ୍‌ଟି ଜୋର୍ଜେଟ୍ ଫେବ୍ରିକ୍‌ରେ ତିଆରି ହୋଇଥାଏ। ଏହା ରାଉଣ୍ଡ୍ ବେକ ଷ୍ଟାଇଲି ସହିତ କାଜୁଆଲ୍ ଏବଂ ଟପ୍ କ୍ୱାଲିଟ୍‌ର ଅଟେ। ଏହାକୁ ପିନ୍ଧିବା ଦ୍ୱାରା ଆପଣଙ୍କୁ ଏକ ଷ୍ଟାଇଲିସ୍ ଟ୍ରେଣ୍ଡି ଲୁକ୍ ମିଳିଥାଏ।

## ଓ୍ୱାଷ୍ଟନ୍ ଡ୍ରେସ୍

ରେଡ୍ କଲର୍‌ର ମିଡି ଓ୍ୱାଷ୍ଟନ୍ ଡ୍ରେସ୍ କାଫି ଟ୍ରେଣ୍ଡ୍‌ରେ। ଏହି ଡ୍ରେସ୍ ଗ୍ରୀଷ୍ମ ଋତୁ ପାଇଁ ଉତ୍ତମ ବିକଳ୍ପ ସହିତ ଷ୍ଟାଇଲିସ୍ ମଧ୍ୟ। ମିଡି ଡ୍ରେସ୍‌ଟି ସ୍ଲିମ୍ ଫିଟିଂର ହୋଇଥିବାରୁ ପିନ୍ଧିବା ପାଇଁ ଆରାମଦାୟକ ହୋଇଥାଏ। ଏହି ପୋଷାକ ପଲିଷ୍ଟର କପଡ଼ାରୁ ତିଆରି। ଅତ୍ୟାଧୁନିକ ଫ୍ୟାସନ ଡ୍ରେସ୍ ସହିତ ଫୁଲ ପ୍ରିଣ୍ଟ୍ ମଧ୍ୟ ରହିଛି। ଆପଣ ଏହି ପୋଷାକକୁ ସ୍ୱତନ୍ତ୍ର ପାର୍ଟି, ଫଙ୍କସନ୍ ଏବଂ ସାଙ୍ଗମାନଙ୍କ ସହିତ ପିନ୍ଧି ଯାଇପାରିବେ। ଏହି ଡ୍ରେସ୍‌କୁ ମ୍ୟାଚିଂ କରି ଜୁଏଲାରୀ ସହିତ ଷ୍ଟାଇଲିସ୍ ଜୋତା ମଧ୍ୟ ପିନ୍ଧନ୍ତୁ।

## ମିଡି ଡ୍ରେସ୍

ଏହି ଦିନେ କଲରଫୁଲ୍ ଓ୍ୱାନ୍‌ପିସ୍ ବା ମିଡ଼ି ପିନ୍ଧିପାରିବେ। ଏଗୁଡ଼ିକ ବେଶ୍ ସୁନ୍ଦର ହେବା ସହିତ ଷ୍ଟାଇଲିସ୍ ମଧ୍ୟ ହୋଇଥାଏ। ଏହା ଏ-ଲାଇନ୍ ଷ୍ଟାଇଲି ମ୍ୟାକ୍ସି ଡ୍ରେସ୍। ଏହି ଡ୍ରେସ୍ ଲୁଜ୍ ଫିଟ୍‌ର ଉପଲବ୍ଧ। ଏହାକୁ ପିନ୍ଧିବା ଦ୍ୱାରା ଆପଣଙ୍କୁ ମଧ୍ୟ ଏକ ଆରାମଦାୟକ ଅନୁଭବ ହେବ। ଏହି ଡ୍ରେସ୍‌ରେ ମଲ୍ଟିକଲର୍ ଅପ୍ସନ୍ ସହିତ ଫୁଲ ସ୍ଲିଭ୍ ରହିଛି। ଏଥିରେ ଆପଣ ନିଜ ପସନ୍ଦ ହିସାବରେ କଲର୍ ଚୁଜ୍ କରିପାରିବେ, ଯାହା ଆପଣଙ୍କ ସ୍କିନ୍ ଟୋନ୍‌କୁ ମ୍ୟାଚ କରିବ। ଆପଣ ଏହି ଡ୍ରେସ୍‌ରେ ହିଲ୍ ବା ଫ୍ଲାଟ୍ ଚପଲ ସହିତ ଏହି ପୋଷାକ ପିନ୍ଧିପାରିବେ। ଏହା ଆପଣଙ୍କୁ ଏକ ଆକର୍ଷଣୀୟ ଲୁକ୍ ଦେଇଥାଏ।

ରୋଷେଇ ଘରୁ

# ପାଳଙ୍ଗ ଚିକେନ୍

**ଆବଶ୍ୟକ ସାମଗ୍ରୀ:** ଚିକେନ୍, ପିଆଜ, ପାଳଙ୍ଗ, ଅଦା-ରସୁଣ ପେଷ୍ଟ, ଗୋଟା ମସଲା (ଡାଲଚିନି, ତେଜପତ୍ର, ଜିରା, ଲବଙ୍ଗ, ଗୋଲମରିଚ, ଗୁଜୁରାତି, ଅଳେଇଚ), ଲୁଣ, କାଶ୍ମିରୀ ଚିଲ୍ଲି, ଧନିଆ ପାଉଡ଼ର, ଜିରା ପାଉଡ଼ର, ହଳଦି, ଗରମ ମସଲା, ଟମାଟୋ, ଦହି, କସ୍ତୁରୀ ମେଥି, ଲେମ୍ବୁରସ, କଞ୍ଚାଲଙ୍କା, ଧନିଆପତ୍ର।

**ପ୍ରଣାଳୀ:** ପାଳଙ୍ଗକୁ ଧୋଇ ପ୍ୟାନ୍‌ରେ ପାଣି ଦେଇ ଲୁଣ, ଚିନି ଅଳ୍ପ ପକାଇ ସିଝେଇ ଦିଅନ୍ତୁ। ଗୋଟିଏ ଗିନାରେ ବରଫ ଓ ପାଣିରେ ଏହି ସିଝା ପାଳଙ୍ଗକୁ କାଢ଼ି କିଛି ସମୟ ରଖିବା ପରେ ଗ୍ରାଇଣ୍ଡିଂ କରିନେବେ। ଚିକେନ୍‌କୁ ଧୋଇ ରଖନ୍ତୁ। ପ୍ୟାନ୍‌ରେ ତେଲ ଗରମ ହେଲେ ଗୋଟା ମସଲା ସବୁକୁ ଟିକେ ଭାଜିବା ପରେ ଏଥିରେ କାଟି ରଖିଥିବା ପିଆଜକୁ ଦେଇ ଭାଜିବେ। ପିଆଜ ବାଦାମ ରଙ୍ଗର ହେଲେ ଅଦା-ରସୁଣ ପେଷ୍ଟକୁ ଭାଜନ୍ତୁ। ସେଥିରେ ଚିକେନ୍, କାଶ୍ମିରୀ ଚିଲ୍ଲି, ଲୁଣ, ଧନିଆ ପାଉଡ଼ର, ଜିରା ପାଉଡ଼ର, ହଳଦି, ଗରମ ମସଲା ଦେଇ ମିଶାଇବେ।



ଏହାକୁ ୪ରୁ୫ ମିନିଟ୍ ଗୋଳାଇ ନିଅନ୍ତୁ। ଚିକେନ୍‌ରୁ ପାଣି ବାହାରିବା ମାତ୍ରେ ଗ୍ରାଇଣ୍ଡିଂ କରି ରଖିଥିବା ଟମାଟୋକୁ ପକାଇ କଷନ୍ତୁ। ଏହି ମସଲାରେ ଦହି ଦେଇ ଭଲ ଭାବେ ମିଶାନ୍ତୁ। ଏହାକୁ ୧୩ରୁ୧୫ ମିନିଟ୍ ପାଇଁ ଘୋଡ଼ାଇ ନେବା ସହିତ ଗ୍ୟାସ୍‌କୁ ଧିମା ଆଞ୍ଚରେ ରଖିବେ। ୧୫ ମିନିଟ୍ ପରେ ଏଥିରେ କସ୍ତୁରୀ ମେଥି ଏବଂ ଲେମ୍ବୁରସ ପକାଇ କଷନ୍ତୁ। ଚିକେନ୍ ଡ୍ରାଏ ହେଲା ପରେ ସେଥିରେ ଗ୍ରାଇଣ୍ଡିଂ କରି ରଖିଥିବା ପାଳଙ୍ଗ ଦେଇ ୬ରୁ୭ ମିନିଟ୍ କଷିବେ। ଶେଷରେ କାଟି ରଖିଥିବା ଧନିଆପତ୍ର, କଞ୍ଚାଲଙ୍କା ପକାଇ ଟିକେ ମିଶାନ୍ତୁ। ଏହାକୁ ଭାତ, ରୁଟି, ନାନ୍ ସହିତ ଖାଇପାରିବେ।

# ସାପ୍ତାହିକ ରାଶିଫଳ




ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍: ୯୭୭୭୨୫୨୨୪୦


**ମେଷ** ସପ୍ତାହଟି ବ୍ୟବସାୟରେ ସାବଧାନ ରହିବା ଆବଶ୍ୟକ। କର୍ମକ୍ଷେତ୍ରରେ ଅଶାନ୍ତି ଦେଖାଦେଇପାରେ। ସାମାଜିକ ମାନସମ୍ମାନ ବୃଦ୍ଧିପାଇପାରେ। ଲାଗିଥିବା ବିବାଦ ଆଲୋଚନା ଦ୍ୱାରା ସମାଧାନ ହେବ।

**ବୃଷ** ସପ୍ତାହଟି ଚାକିରିରେ ଉନ୍ନତି ହେବ। ବନ୍ଧୁଙ୍କ ଦ୍ୱାରା ସମ୍ମାନ ବୃଦ୍ଧିପାଇବ। ପାରିବାରିକ ଅଶାନ୍ତି ଦୂରହେବ। ଶାରୀରିକ ସୁସ୍ଥତା ବୃଦ୍ଧିପାଇବ। ମହିଳାମାନେ ସୁଖୀ ତଥା ସଫଳତା ଲାଭ କରିବେ।

**ମିଥୁନ** ସପ୍ତାହଟି କର୍ମକ୍ଷେତ୍ରରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ଆକସ୍ମିକ ଧନଲାଭ ହେବ। ବ୍ୟବସାୟରେ ଲାଭବାନ ହେବେ। ଶାରୀରିକ ସୁସ୍ଥତା ବୃଦ୍ଧିପାଇବ। ପାରିବାରିକ ଶାନ୍ତି ମିଳିବ। ଶତ୍ରୁମାନେ ପରାଜିତ ହୋଇପାରନ୍ତି।

**କର୍କଟ** ସପ୍ତାହଟି ବ୍ୟବସାୟରେ ଲାଭ ଓ କ୍ଷତି ସମାନ ରହିବ। ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ମିଳିବ। ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ। ଶତ୍ରୁମାନେ ପରାଜିତ ହେବେ। ବିଭିନ୍ନ ସମସ୍ୟାର ସମାଧାନ ହୋଇପାରେ।

**ସିଂହ** ସପ୍ତାହଟି କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଆର୍ଥିକ ଅଭାବ ଦେଖାଦେଇପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ମହିଳାମାନେ ସୁଖୀ ରହିବେ।

**କନ୍ୟା** ସପ୍ତାହଟି ବନ୍ଧୁଙ୍କ ଦ୍ୱାରା ବ୍ୟବସାୟରେ ଉନ୍ନତି ହେବ। ନୂତନ ଦ୍ରବ୍ୟ ଲାଭ ହେବ। ସାମାଜିକ ପ୍ରତିଷ୍ଠା ମିଳିବ। ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା ହୋଇପାରେ। ଶାରୀରିକ ସୁଖ ଅନୁଭବ କରିବେ।

**ତୁଳା** ସପ୍ତାହଟି ଧନ ସମ୍ପତ୍ତି ବୃଦ୍ଧିପାଇବ। ବ୍ୟବସାୟରେ ଲାଭବାନ ହେବେ। ଶତ୍ରୁମାନେ ପରାଜିତ ହେବେ। ପାରିବାରିକ ସୁଖ ବୃଦ୍ଧିପାଇବ। ସାମାଜିକ ସମ୍ମାନ ବୃଦ୍ଧିପାଇବ। ମହିଳାମାନେ ଧର୍ମକାର୍ଯ୍ୟରେ ମନ ବଳାଇବେ।

**ବିଛା** ସପ୍ତାହଟିରେ ବିଭିନ୍ନ ସମସ୍ୟାର ସମାଧାନ ହେବ। ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ମିଳିପାରିବ। ବ୍ୟବସାୟରେ ଲାଭ ହେବ। ଅଧିକ ଅର୍ଥ ବ୍ୟୟ ହୋଇପାରେ। ପାରିବାରିକ ଅଶାନ୍ତି ବୃଦ୍ଧିପାଇବ।

**ଧନୁ** ସପ୍ତାହଟିରେ କର୍ମକ୍ଷେତ୍ରରେ ସମ୍ମାନହାନୀ ହୋଇପାରେ। ବ୍ୟବସାୟରେ କ୍ଷତି ସହିପାରନ୍ତି। ପାରିବାରିକ ଅଶାନ୍ତି ବୃଦ୍ଧିପାଇବ। ଶାରୀରିକ ଅସୁସ୍ଥତା ବୃଦ୍ଧିପାଇବ। ଅର୍ଥ ବ୍ୟୟ ହେବ। ମହିଳାମାନେ ଅଶାନ୍ତିରେ ରହିବେ।

**ମକର** ସପ୍ତାହଟି ବ୍ୟବସାୟରେ ବାଧା ଓ ବିଘ୍ନ ଦୂର ହେବ। କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ବନ୍ଧୁଙ୍କ ସହଯୋଗ ପାଇବେ। ଗୃହନିର୍ମାଣ ସୁଯୋଗ ଆସିପାରେ। ମହିଳାମାନେ ସୁଖୀ ରହିବେ। ଛାତ୍ରଛାତ୍ରୀ ଶିକ୍ଷାରେ ଉପକୃତ ହେବେ।

**କୁମ୍ଭ** ସପ୍ତାହଟିରେ ସାମାଜିକ ମାନସମ୍ମାନ ବୃଦ୍ଧିପାଇପାରେ। ଆକସ୍ମିକ ଧନଲାଭ ହୋଇପାରେ। କୌଶଳ ଦ୍ୱାରା ବ୍ୟବସାୟରେ ଲାଭବାନ ହେବେ। ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ମହିଳାମାନେ ଧର୍ମକାର୍ଯ୍ୟରେ ମନ ଦେବେ।

**ମୀନ** ସପ୍ତାହଟି ଚାକରି କ୍ଷେତ୍ରରେ ଚିନ୍ତିତ ରହିପାରନ୍ତି। ବ୍ୟବସାୟରେ ଲାଭବାନ ହୋଇପାରନ୍ତି। ଅର୍ଥ ଲାଭ ହୋଇପାରେ। ଶତ୍ରୁମାନେ ପରାଜିତ ହେବେ। ବିଭିନ୍ନ ସମସ୍ୟାର ସମାଧାନ ହେବ। ମାନସମ୍ମାନ ବୃଦ୍ଧିପାଇବ।

■ ସଂସ୍କୃତି ଓ ପରମ୍ପରା

## ଆସ୍ଥା ଓ ବିଶ୍ୱାସର ପ୍ରତୀକ

# ଆସିକାର ଅଧିଷ୍ଠାତ୍ରୀ ଦେବୀ ମା'ଖମ୍ବେଶ୍ୱରୀ

**ପବିତ୍ର ରଷିକୁଲ୍ୟା ନଦୀର ଉପକଣ୍ଠରେ ଆସିକା ସହର । ଏହି ଆସିକା ସହରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଖମ୍ବେଶ୍ୱରୀ । ଖାଲି ତ, ଆସିକା ସହର ନୁହେଁ, ସମଗ୍ର ଗଞ୍ଜାମ ଜିଲ୍ଲାରେ ମା' ଖମ୍ବେଶ୍ୱରୀ ରୂପେ ସେ ପୂଜିତା । ଶାକ୍ତ-ସଂସ୍କୃତିର ସମୁଜ୍ଜ୍ୱଳ ଶୀଖାର ପ୍ରମୂର୍ତ୍ତି ପ୍ରତୀମା ସେ । ତାଙ୍କୁ କେନ୍ଦ୍ର କରି କେତେ କଥୟନ୍ତି, କିବଦନ୍ତୀର ଖିଅ ........ ପ୍ରବାଦ ଓ ଇତିହାସ କେତେ ଉତ୍ସାସ । ଖମ୍ବେଶ୍ୱରୀଙ୍କ ପୀଠ ଏକ ପ୍ରସିଦ୍ଧ ଦେବୀ ପୀଠ ରୂପେ ସମଗ୍ର ଓଡିଶାବାସୀଙ୍କ ଦ୍ୱାରା ପରିଗୃହୀତ । ଶକ୍ତି-ଉପାସନାର ସୁଦୀର୍ଘ ପରମ୍ପରା ଓ ପୃଷ୍ଠଭୂମୀରେ ଦେବୀ ଖମ୍ବେଶ୍ୱରୀଙ୍କ ମହିମା ଓ ମହାତ୍ମ୍ୟ ଭକ୍ତ-ସାଧକ ବର୍ଗଙ୍କ ଦ୍ୱାରା କାହିଁ କେଉଁ କାଳୁ ପ୍ରସାରିତ ଓ ପ୍ରକୀର୍ତ୍ତିତ । ସର୍ବପ୍ରଥମେ ଆଦିମ ଜନଜାତିର ଆରାଧ୍ୟ ଏହି ଦେବୀ ପରବର୍ତ୍ତୀ କାଳରେ ସଂଶ୍ଳିଷ୍ଟ ହୋଇଛନ୍ତି ଆର୍ଯ୍ୟ ସଂସ୍କୃତି ସହିତ । ଦେବୀ ମା' ଖମ୍ବେଶ୍ୱରୀଙ୍କ ସଂପର୍କରେ ଏକ ବିଶେଷ ଉପସ୍ଥାପନା କରିଛନ୍ତି ଆମ ଆସିକା ପ୍ରତିନିଧି ସରୋଜ କୁମାର ଦାଶ**

ସମଗ୍ର ଓଡିଶା ପ୍ରଦେଶରେ, ଗଞ୍ଜାମ ଜିଲ୍ଲା ଏକ ପ୍ରଧାନ ଶକ୍ତିପୀଠ ରୂପେ ପ୍ରସିଦ୍ଧିଲାଭ କରିଥିଲା ବେଳେ ଏହି ଜିଲ୍ଲାର ଶକ୍ତିପୀଠମାନଙ୍କ ମଧ୍ୟରେ ପୂଣ୍ୟତୋୟା ରଷିକୁଲ୍ୟା ନଦୀ ତଟବର୍ତ୍ତୀ ଆସିକା ସହରର ଅଧିଷ୍ଠାତ୍ରୀ ଦେବୀ ମା'ଖମ୍ବେଶ୍ୱରୀ (ସଂସ୍କୃତରେ ସ୍ତମ୍ଭେଶ୍ୱରୀ) ସର୍ବପ୍ରାଚୀନ ଶକ୍ତିପୀଠ ରୂପେ ପରିଚିତ । ଅପାରମହିମା ମଣ୍ଡିତ ତଥା ଅନେକ ଐତିହାସିକ ପୁରାଣ କଥା ଜନଶ୍ରୁତି ସମ୍ବଳିତ ଏହି ପ୍ରସିଦ୍ଧ ଦେବୀପୀଠ ଓଡିଶାରେ ଶକ୍ତି ଉପାସନାର ମହତ୍ତ୍ୱପୂର୍ଣ୍ଣ ପରମ୍ପରାକୁ ପ୍ରମାଣିତ କରେ । ଦେଖିବାକୁ ପ୍ରସ୍ତରସ୍ତମ୍ଭ ସଦୃଶ ଏହି ଆରାଧ୍ୟ ଦେବୀ ମା'ଖମ୍ବେଶ୍ୱରୀଙ୍କ ଉତ୍ପତ୍ତି ଅନ୍ତରାଳରେ ବହୁ କିମ୍ବଦନ୍ତୀ ତଥା ଉପକଥା ଅନ୍ତର୍ନିହିତ ରହିଛି । ଗଞ୍ଜାମ ଜିଲ୍ଲାର ଆସିକା ଏବଂ ସୋନପୁର ଜିଲ୍ଲାର ସୋନପୁର ସହରରେ ଥିବା ମା' ଖମ୍ବେଶ୍ୱରୀଙ୍କ ନିକଟରେ ଏକାପରି କ୍ରିୟାମାନ ଦେଖିବାକୁ ମିଳେ । ଏହି ଦେବୀମାନଙ୍କର ସିନ୍ଦୁରଲେପିତ ମୁଖ ବିନ୍ୟାସ କରାଯାଇଥିଲା ବେଳେ ସେଥିରେ ରୂପାରେ ନିର୍ମିତ ଆଖି, ମୁଖ, ନାକ, ଖଞ୍ଜାଯାଇ ନିୟମିତ ଭାବେ ଆର୍ଯ୍ୟ ଉପଚାର ମାଧ୍ୟମରେ ପୂଜାର୍ଚ୍ଚନା କରାଯାଉଛି । ପ୍ରଥମେ ଏହି ଦେବୀ ଆଦିବାସୀ କିମ୍ବା ଅଣଆର୍ଯ୍ୟ (ଦ୍ରାବିଡ) ସମ୍ପ୍ରଦାୟର କନ୍ଧ, କୁଇ ଓ ଅନ୍ୟାନ୍ୟ ଜନଜାତିଙ୍କ ଦ୍ୱାରା ପୂଜିତା ହେଉଥିଲେ । ପରବର୍ତ୍ତୀ କାଳରେ ଆର୍ଯ୍ୟ ଅନୁପ୍ରବେଶକାରୀ ମାନେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗୁଡିକରେ ରାଜ୍ୟସ୍ଥାପନ କରି ରାଜ୍ୟର ଏକତା, ଅଖଣ୍ଡତା ଓ ଅସ୍ତିତ୍ୱ ନିମନ୍ତେ ସେଠାରେ ବସବାସ କରୁଥିବା ଆଦିବାସୀ ମାନଙ୍କ ଦ୍ୱାରା ପୂଜିତା ଦେବୀମାନଙ୍କୁ ଆର୍ଯ୍ୟ ସଂସ୍କୃତି ମଧ୍ୟରେ ଅନ୍ତର୍ଭୁକ୍ତ କରି ପୂଜାର୍ଚ୍ଚନା ପୂର୍ବକ ସେମାନଙ୍କ ଆସ୍ଥାଭାଜନ ହେଉଥିଲେ । ଗଞ୍ଜାମ ଜିଲ୍ଲାର କନ୍ଧ, ଶବର ଇତ୍ୟାଦି ଆଦିମ ଜନଜାତିଙ୍କ ଦ୍ୱାରା ପୂଜା ପାଉଥିବା ଯେଉଁସବୁ ଦେବୀ ଆର୍ଯ୍ୟାନୁକରଣ ପ୍ରକ୍ରିୟାରେ ଶାକ୍ତ ଧର୍ମରେ ରୂପାନ୍ତରିତ ହେଉଥିଲେ, ସେମାନଙ୍କ ମଧ୍ୟରେ ଆସିକା ସହରର ମା'ଖମ୍ବେଶ୍ୱରୀଙ୍କ ନାମ ଉଲ୍ଲେଖଯୋଗ୍ୟ । ଏକଦା ସ୍ତମ୍ଭ ବା ଖୁଣ୍ଟର ଦେବୀ ଖମ୍ବେଶ୍ୱରୀ ପ୍ରଥମେ ଆଦିବାସୀ କନ୍ଧମାନଙ୍କ ଦ୍ୱାରା ପୂଜିତା ହେଉଥିଲେ ଯାହାକି ଏବେ ମଧ୍ୟ ବଲାଙ୍ଗିର, ବୌଦ୍ଧ ଓ ଗଞ୍ଜାମ ଜିଲ୍ଲାର କେତେକ ମାଳ ଅଞ୍ଚଳରେ କନ୍ଧମାନେ ଖମ୍ବେଶ୍ୱରୀଙ୍କୁ ନିଜର ଇଷ୍ଟଦେବୀ ରୂପେ ପୂଜା କରିଆସୁଛନ୍ତି । ଆସିକାର ଅଧିଷ୍ଠାତ୍ରୀ ଦେବୀ ମା'ଖମ୍ବେଶ୍ୱରୀଙ୍କ ଉତ୍ପତ୍ତି ଓ ଆବିର୍ଭାବ ସମ୍ବନ୍ଧରେ ବହୁ ପୁରାଣ ବର୍ଣ୍ଣିତ କଥା, ଉପକଥା, କିମ୍ବଦନ୍ତୀ ଓ ଲୋକକଥା ସାଧାରଣରେ ପ୍ରଚଳିତ ରହିଛି । ଆସିକାର ଅଧିଷ୍ଠାତ୍ରୀ ଦେବୀ ମା'ଖମ୍ବେଶ୍ୱରୀଙ୍କ ମନ୍ଦିର ମଧ୍ୟରେ ୧୯୯୦ ମସିହା ପ୍ରଳୟଙ୍କରୀ ବନ୍ୟା ପୂର୍ବରୁ ପାଷାଣ ଖମ୍ବେଶ୍ୱରୀ ମୂର୍ତ୍ତିଙ୍କ ସମ୍ମୁଖଭାଗରେ ମାତ୍ର ୫-୭ ମିଟର ଦୂରତାରେ ପ୍ରାୟ ଏକ ମିଟର ଉଚ୍ଚତା ବିଶିଷ୍ଟ ଯେଉଁ କାଷ୍ଠ ସ୍ତମ୍ଭ ରହିଥିଲା, ତାହା ହିଁ ଥିଲା ଆସିକାର ଅଧିଷ୍ଠାତ୍ରୀ ଦେବୀ ମା'ଖମ୍ବେଶ୍ୱରୀ । ଶହଶହ ବର୍ଷ ଧରି ଏପରିକି ମୂଳ ମନ୍ଦିର ନିର୍ମାଣ ନ ହେବା ପୂର୍ବରୁ ଏହି କାଷ୍ଠ ସ୍ତମ୍ଭ ସେଠାରେ ପୂଜା ପାଇ ଆସୁଥିଲେ ି । ଆସିକାର ଅଧିଷ୍ଠାତ୍ରୀ ଦେବୀ ମା'ଖମ୍ବେଶ୍ୱରୀଙ୍କ ମୂର୍ତ୍ତି ଅତ୍ୟନ୍ତ ଚିତ୍ତାକର୍ଷକ । ଦେବୀ ମନ୍ଦିର ମଧ୍ୟରେ ପୂର୍ବମୁଖ କରି ଦଣ୍ଡାୟମାନ ଅବସ୍ଥାରେ ପୂଜା ପାଉଥିଲା ବେଳେ ସିଂହଦ୍ୱାରରେ ଦ୍ୱାରପାଳ ଓ ସିଂହମୂର୍ତ୍ତି ଦଣ୍ଡାୟମାନ ଅବସ୍ଥାରେ ରହିଛନ୍ତି । ଦେବୀ ଖମ୍ବେଶ୍ୱରୀଙ୍କ ମୂର୍ତ୍ତି ଏକ ପ୍ରସ୍ତରସ୍ତମ୍ଭ ସଦୃଶ । ପ୍ରସ୍ତରସ୍ତମ୍ଭ ସହିତ ଏକ ଚକିତି ମସ୍ତକ ରୂପେ ସଂଯୁକ୍ତ ହେବା ଦ୍ୱାରା ଦେବୀଙ୍କ ମୂର୍ତ୍ତି ସହିତ ମାନବୀୟ ପ୍ରବୃତ୍ତି ଓ ଇନ୍ଦ୍ରିୟାଦିର ଆରପ କରାଯାଉଛି । ଈଷତ୍ ଖୋଦିତ ନାଶା ଓ ମୁଖ ମଣ୍ଡଳ, ତିନୋଟି ନେତ୍ର, ସୁଲମ୍ବିତ ଜିହ୍ୱା ଓ ରୌପ୍ୟ ଅଳଙ୍କାର ଦ୍ୱାରା ବିମଣ୍ଡିତ । ଦେବୀଙ୍କ ମୁଖ ଓ ଶରୀର ଅଠାଳିଆ ସିନ୍ଦୁର ଦ୍ୱାରା ବିରଞ୍ଜିତ । ମୂଲ୍ୟବାନ ତଥା ଆଡମ୍ବରପୂର୍ଣ୍ଣ ପଟ୍ଟବସ୍ତ୍ର ଏବଂ ନାନାଦି ଅଳଙ୍କାରରେ ବିଭୂଷିତା ମା'ଖମ୍ବେଶ୍ୱରୀ ଉଭୟ ହିନ୍ଦୁ (ଆର୍ଯ୍ୟ) ମୂର୍ତ୍ତି ଓ ଆଦିବାସୀ (ଅନାର୍ଯ୍ୟ)ଙ୍କ ଖମ୍ବ ଓ ଖୁଣ୍ଟର ଆକାର ଧାରଣ କରିଥିବାରୁ ଦେବୀଙ୍କ ଠାରେ ଆର୍ଯ୍ୟ ଓ ଅନାର୍ଯ୍ୟ ଉଭୟ ସଂସ୍କୃତିର ସମନ୍ୱୟ ହୋଇଥିବା ପ୍ରତୀୟମାନ ହୁଏ । ଆସିକା କିମ୍ବା ଗଞ୍ଜାମ ଜିଲ୍ଲା କାହିଁକି ସମଗ୍ର ଓଡିଶାରେ ମା'ଖମ୍ବେଶ୍ୱରୀଙ୍କ ମହିମା ସୁବିଦିତ ।

ମା'ଖମ୍ବେଶ୍ୱରୀଙ୍କ ଆବିର୍ଭାବ ସଂପର୍କରେ ବହୁ ଲୋକକଥା ଉପକଥାମାନ ଶହଶହ ବର୍ଷ ଧରି ଲୋକମୁଖରେ ଚର୍ଚ୍ଚିତ ହୋଇଆସୁଅଛି । ଜଣେ କନ୍ଧରାଜା ରଷିମାଳ ପର୍ବତରେ ଆଠଟି ଖିଡିସିଂ (ଦାରୁ ସମ୍ବଳିତ କାଷ୍ଠମୟଦେବୀ)ଙ୍କୁ ପୂଜା କରୁଥିଲେ । ଦାରୁମୟୀ ଖମ୍ବେଶ୍ୱରୀ ସେମାନଙ୍କ ମଧ୍ୟରୁ ଅନ୍ୟତମ । ଏକଦା କାଠଗଣ୍ଡି (ଦାରୁ) ରୂପରେ ଦେବୀ ଖମ୍ବେଶ୍ୱରୀ ରଷିକୁଲ୍ୟା ନଦୀ ବଢିପାଣିରେ ଭାସିଆସୁଥିଲେ । ଆସିକା ଅଞ୍ଚଳର ଜଣେ ରଜକ ବନ୍ୟାରେ ଭାସି ଆସୁଥିବା କାଠଗଣ୍ଡିକୁ ଜାଳେଣି ପାଇଁ ଧରି ଆଣି ଏକ କୁରାଢିରେ କାଠଗଣ୍ଡିକୁ ଚିରିବା ପାଇଁ ଚୋଟ ମାରିବା ମାତ୍ରେ କାଠଗଣ୍ଡିରୁ ରକ୍ତ ବୋହିବାକୁ ଲାଗିଲା । ଏହି ରକ୍ତ ଦେଖି ରଜକ ଭୟଭୀତ ହୋଇଗଲା ଓ ଚିତ୍କାର କରି ଆଖପାଖ ଲୋକଙ୍କୁ ଡାକିଲା । ଲୋକେ ଶୁଖିଲା ଗଣ୍ଡି କାଠ ଦେହରୁ ରକ୍ତକ୍ଷରଣ ଦେଖି ଆଶ୍ଚର୍ଯ୍ୟ ଓ ଭୟଭୀତ ହୋଇପଡିଲେ । କୁରାଢି ଚୋଟ ବସିଥିବା କାଠ ସେହିଭଳି ପଡି ରହିଲା । ଏହାର କେତେ ଦିନ ପରେ ରଜକର ମୃତ୍ୟୁ ହେଲା । ରଜକର ମୃତ୍ୟୁ ପରେ ଆସିକାରେ ବାସକରୁଥିବା ଖମ୍ବାମୁନି (ଖମ୍ବ ମୁନି)ଙ୍କୁ ସ୍ୱପ୍ନାଦେଶ ହେଲା ଯେ, ମୁଁ ଦେବୀ ଖମ୍ବେଶ୍ୱରୀ କାଠ ରୂପରେ ଆଘାତପ୍ରାପ୍ତ



ହୋଇ ପଡିରହିଛି । ତୁ ମୋର ପୂଜା କର । ଦେବୀଙ୍କ ସ୍ୱପ୍ନାଦେଶ ପରେ ଖମ୍ବ ମୁନି ସେହି କାଠଗଣ୍ଡିକୁ ପୂଜା-ଅର୍ଚ୍ଚନା ପୂର୍ବକ ଗ୍ରହଣ କରି ରଷିକୁଲ୍ୟା ନଦୀ ତଟବର୍ତ୍ତୀ ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ଥିବା (ଆଜି ଯେଉଁଠି ମନ୍ଦିର ଅଛି) ଗୋଟିଏ ଗଛ ମୂଳରେ ପ୍ରତିଷ୍ଠା କରି ପୂଜା ଅର୍ଚ୍ଚନା କରିବାକୁ ଆରମ୍ଭ କଲେ । ଏହି ଲୋକକଥାରୁ ଜାଣିହୁଏ ପ୍ରଥମେ ଦେବୀ ଆଦିବାସୀ କନ୍ଧମାନଙ୍କ ଦ୍ୱାରା ଖିଡିସିଂ ନାମରେ କାଷ୍ଠସ୍ତମ୍ଭ ବା ଖୁଣ୍ଟ ରୂପରେ ପୂଜିତ ହେଉଥିଲେ, କିନ୍ତୁ କାଳକ୍ରମେ ଆର୍ଯ୍ୟମାନେ ଏହି ଖମ୍ବାକୃତି କାଷ୍ଠଦେବୀଙ୍କୁ ପାଷାଣରେ ରୂପାନ୍ତରିତ କରି ତାହାଙ୍କୁ ଆର୍ଯ୍ୟଦେବୀରେ ପରିଣତ ପୂର୍ବକ ସ୍ତମ୍ଭେଶ୍ୱରୀ ନାମକ ସଂସ୍କୃତ ନାମରେ ନାମିତ କରି ପୂଜା କରିବାରେ ଲାଗିଲେ । ଏଣୁ କନ୍ଧ ଦେବୀ ଖିଡିସିଂ ଏହିପରି ସଂସ୍କୃତରେ ସ୍ତମ୍ଭେଶ୍ୱରୀ ଏବଂ ଓଡିଆରେ ଖମ୍ବେଶ୍ୱରୀ ରୂପେ ପରିଣତ ହେଲେ ।

ଆସିକାର ପ୍ରସ୍ତର ସ୍ତମ୍ଭେଶ୍ୱରୀଙ୍କ ମୁଖ ସିନ୍ଦୁର ଚର୍ଚ୍ଚିତ । ଏଥିରେ ରୂପାର ଆଖି, ରୂପାର ନାକ, ରୂପାର ପାଟି, ରୁପାର ଚିତା ସଂଯୋଗ ହୋଇଛି । ପୁରୀ ମନ୍ଦିରର ସୁଭଦ୍ରା ଦେବୀ ଓ ଆସିକାର ଖମ୍ବେଶ୍ୱରୀ ଦେବୀଙ୍କ ମଧ୍ୟରେ ଉଭୟ ମୂର୍ତ୍ତିତତ୍ତ୍ୱ ତଥା ପୂଜା ପଦ୍ଧତିରେ ସାମାନ୍ୟ କିଛି ପାର୍ଥକ୍ୟ ବ୍ୟତୀତ ଗଭୀର ସାମଞ୍ଜସ୍ୟ ଥିବା ଗବେଷକ ଓ ଐତିହାସିକ ମତ ଦିଅନ୍ତି ।

ତ୍ରୟୋଦଶ ଖ୍ରୀଷ୍ଟାବ୍ଦର ମଧ୍ୟଭାଗରୁ ଘୁମୁସର ରାଜବଂଶର ରାଜାମାନେ ଖମ୍ବେଶ୍ୱରୀଙ୍କୁ ପୂଜା ବନ୍ଦନା ଓ ରାଜ ପୃଷ୍ଠପୋଷକତା କରିଆସୁଥିବା ବିଷୟ ମଧ୍ୟ ଇତିହାସର ଅବଗୁଣ୍ଠନ ତଳୁ ସୂଚିତ ହୁଏ । ଘୁମୁସର ରାଜ୍ୟର ଦକ୍ଷିଣ ଦ୍ୱାର ବା ସୀମାର ରକ୍ଷାକର୍ତ୍ତ୍ରୀ ରୂପେ ଭଞ୍ଜ ରାଜାମାନେ ଆସିକାରେ ଖମ୍ବେଶ୍ୱରୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା କରିବା ସଙ୍ଗେ ସଙ୍ଗେ ମନ୍ଦିର ପରିଚାଳନା ପାଇଁ ବିଭିନ୍ନ ଅନୁଦାନ ଖଞ୍ଜି ଦେଇଥିଲେ । ଘୁମୁସର ରାଜା ଧନଞ୍ଜୟ ଭଞ୍ଜ (ଖ୍ରୀ:ଅ: ୧୬୩୭-୧୭୧୪) ଆସିକାରେ ଖମ୍ବେଶ୍ୱରୀ ମନ୍ଦିରର ପୁନରୁଦ୍ଧାର କରିଥିବା ବିଷୟ, ଘୁମୁସର ଇତିହାସରୁ ଜଣାଯାଏ ।


ଜିଲ୍ଲା ଓ ଜିଲ୍ଲା ବାହାରର ଲୋକମାନେ ସନ୍ତାନ କାମନା କରି ମା' ଖମ୍ବେଶ୍ୱରୀଙ୍କ ନିକଟରେ ମାନସିକ କରିଥାନ୍ତି । ଦେବୀ ପ୍ରସନ୍ନ ହେଲେ ପ୍ରତ୍ୟେକ କାର୍ଯ୍ୟ ସିଦ୍ଧ ହେବ ବୋଲି ବିଶ୍ୱାସ କରନ୍ତି । ଏଣୁ କୌଣସି ଶୁଭକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଭିନ୍ନ ଅଞ୍ଚଳର ଅଧିବାସୀମାନେ ମା' ଖମ୍ବେଶ୍ୱରୀଙ୍କ କରୁଣା ଲାଭ ଉଦ୍ଦେଶ୍ୟରେ ତାଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରନ୍ତି ଓ ମାନସିକ ପୂରଣ ହେଲେ ଦେବୀଙ୍କ ପୀଠରେ ବଳି, ଭୋଗ, ଝୁପ, ଝୁଣା ଇତ୍ୟାଦି ପ୍ରଦାନ କରିଥାନ୍ତି ।

ପ୍ରତିବର୍ଷ ବୈଶାଖ ମାସରେ ଆସିକାରେ ଅଧିଷ୍ଠାତ୍ରୀ ଦେବୀ ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ହୁଏ ମହାସମାରୋହରେ । ଏହି ଯାତ୍ରା ଦେଖିବା ପାଇଁ ଓଡିଶାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ ଆସିକାରେ । କୁହାଯାଏ ମା' ଖମ୍ବେଶ୍ୱରୀଙ୍କ କୌଣସି ଭକ୍ତଙ୍କ ମାନସିକ କାମନା ଆଜି ଯାଏଁ ଅପୂର୍ଣ୍ଣ ହୋଇ ରହିନାହିଁ । ଏଣୁ ଓଡିଶାରେ ଶାକ୍ତ ଧର୍ମ ଓ ପରମ୍ପରାରେ ଖମ୍ବେଶ୍ୱରୀ ବା ସ୍ତମ୍ଭେଶ୍ୱରୀ ଉପାସନାର ଯେ ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି ଏଥିରେ ସନ୍ଦେହ ନାହିଁ ।

ଆସିକାର ଅଧିଷ୍ଠାତ୍ରୀ ଦେବୀ ମା' ଖମ୍ବେଶ୍ୱରୀଙ୍କ ମହିମା ସୁଦୂର ପ୍ରସାରୀ ହୋଇଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ଏହି ପୀଠକୁ ବର୍ଷ ତମାମ ଶ୍ରଦ୍ଧାଳୁ ଭକ୍ତଙ୍କ ସୁଅ ଛୁଟିଥାଏ । ମା'ଙ୍କ କୃପାରୁ ବହୁ ମାନସିକଧାରୀଙ୍କ ମାନସିକ ମଧ୍ୟ ପୂରଣ ହୋଇଥାଏ । ଶାରଦୀୟ ଦୁର୍ଗାପୂଜା ସମୟରେ ଏହି ପୀଠରେ ଶ୍ରଦ୍ଧାଳୁ ଭକ୍ତଙ୍କ ଆଶାତୀତ ଭିଡ ଜମିଥାଏ ।

ଆସନ୍ତା ୨୬ ତାରିଖ ରବିବାର ଦିନ ହେବାକୁ ଥିବା ଆସିକାର ଅଧିଷ୍ଠାତ୍ରୀ ଦେବୀ ମା'ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରାକୁ ଉତ୍ସାହ ଓ ଉଦ୍ଦୀପନାର ସହ ମହା ଆଡମ୍ବରରେ ପାଳନ କରିବା ପାଇଁ ଆୟୋଜକଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଲକ୍ଷ୍ୟ କରାଯାଇଛି ଆଉ ଏଥିପାଇଁ ଚହଟିଲାଣି ସମଗ୍ର ପରିବେଶ । ଓଡିଶାର ସାଂସ୍କୃତିକ ଏନ୍ତୁଡିଶାଳ ରୂପେ ପରିଚିତ ଥିବା ଗଞ୍ଜାମ ଜିଲ୍ଲାର ଆସିକା ଅଞ୍ଚଳରେ ଆଧ୍ୟାତ୍ମିକ ଚେତନାକୁ ନେଇ ବାର ମାସରେ ତେର ପର୍ବ ପାଳିତ ହୋଇଆସୁଛି । ଭାରତବର୍ଷରେ ଶକ୍ତି ଉପାସନାର ପରମ୍ପରା ଅତି ପ୍ରାଚୀନ । ଆସିକା ସହରର ଖମ୍ବେଶ୍ୱରୀ ପାଟଣାରେ ପୂଣ୍ୟତୋୟା ରଷିକୁଲ୍ୟା ନଦୀତଟରେ କେଉଁ ଆବାହମାନ କାଳରୁ ପୂଜା ପାଇଆସୁଥିବା ମା' ଖମ୍ବେଶ୍ୱରୀଙ୍କ ପୀଠ ଅନ୍ୟତମ । ମା' ଖମ୍ବେଶ୍ୱରୀଙ୍କ ଅନେକ ମହିମା ରହିଛି । ଏହି ପୀଠରେ ଭକ୍ତ ଯଦି ନିଜ ହୃଦୟରେ ମା'ଙ୍କୁ ଡାକିଥାଏ ଓ ମନ୍ଦିର ପରିସରରେ ଦୀପଟିଏ ଜଳାଇଥାଏ ତାହାହେଲେ ମା' ଖମ୍ବେଶ୍ୱରୀ ନିଶ୍ଚିତ ଭାବେ ଭକ୍ତର ମନକଥା ଶୁଣିଥାନ୍ତି ବୋଲି ବିଶ୍ୱାସ ରହିଛି । ଜଗତ୍‌ଜନନୀ, ଶକ୍ତିପ୍ରଦାୟିନୀ, ମାତୃଶକ୍ତି, କରୁଣାମୟୀ, ଆଦିଶକ୍ତି ମା' ଖମ୍ବେଶ୍ୱରୀ ଠାକୁରାଣୀଙ୍କ ଇତିହାସ ଅତି ପ୍ରାଚୀନ । ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମାନଙ୍କ ମଧ୍ୟରେ ଆସିକାର ଅଧିଷ୍ଠାତ୍ରୀ ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଏକ ଅନ୍ୟତମ ଆକର୍ଷଣ । ବର୍ଷତମାମ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶ୍ରଦ୍ଧାଳୁ ଭକ୍ତମାନେ ମା' ଖମ୍ବେଶ୍ୱରୀଙ୍କ ଦର୍ଶନ ଓ ଆଶିଷ ଲାଭ କରିବା ନିମନ୍ତେ ଆସିଥାନ୍ତି । ଆସିକାର ଅଧିଷ୍ଠାତ୍ରୀ ଦେବୀ ମା' ଖମ୍ବେଶ୍ୱରୀଙ୍କ ଉତ୍ପତ୍ତି ଓ ଆବିର୍ଭାବ ସମ୍ବନ୍ଧରେ ବହୁ ପୁରାଣ ବର୍ଣ୍ଣିତ କଥା, ଉପକଥା, କିମ୍ବଦନ୍ତୀ ଓ ଲୋକକଥା ସାଧାରଣରେ ପ୍ରଚଳିତ ରହିଛି । ଦଶହରା ପର୍ବ ଠାରୁ ଆରମ୍ଭ କରି ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାରରେ ଏହି ଶକ୍ତିପୀଠକୁ ରାଜ୍ୟ ତଥା ରାଜ୍ୟ ବାହାରର ଭକ୍ତଙ୍କ ସୁଅ ଛୁଟିଥିବା ବେଳେ ପ୍ରତ୍ୟେକ ବର୍ଷ ନବରାତ୍ର ସମୟରେ ମା'ଙ୍କ ପୀଠରେ ଅସମ୍ଭବ ଭିଡ ହୋଇଥାଏ । ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ ଶ୍ରଦ୍ଧାଳୁ ଭକ୍ତ ନିଜର ମାନସିକ ପୂରଣ ପାଇଁ ବର୍ଷତମାମ ବିଭିନ୍ନ ସମୟରେ ଆସିକାର ମା' ଖମ୍ବେଶ୍ୱରୀଙ୍କ ପୀଠକୁ ଆସିଥାନ୍ତି । ଦକ୍ଷିଣ ଓଡିଶାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ରୂପେ ପରିଚିତ ଥିବା ଆସିକାର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା' ଖମ୍ବେଶ୍ୱରୀ ପ୍ରସନ୍ନ ହେଲେ ପ୍ରତ୍ୟେକ କାର୍ଯ୍ୟ ସିଦ୍ଧ ହୁଏ ବୋଲି ବିଶ୍ୱାସ ରହିଛି । ଏଣୁ କୌଣସି ଶୁଭକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଜିଲ୍ଲା ତଥା ଜିଲ୍ଲା ବାହାରର ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ମା' ଖମ୍ବେଶ୍ୱରୀଙ୍କ କରୁଣା ଲାଭ କରିବା ଉଦ୍ଦେଶ୍ୟରେ ଏହି ପୀଠକୁ ଆସିଥାନ୍ତି ।

ମନୋରଞ୍ଜନ



ବରୁଣ ନୂଆ ଯୁଗର ଜଣେ ଏପରି କଳାକାର ଯିଏ ୧୪ ବର୍ଷର କ୍ୟାରିୟର୍ ମଧ୍ୟରେ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି । ୨୦୧୨ରେ କରଣ ଜୋହରଙ୍କ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର୍'ରୁ ଅଭିନୟର କ୍ୟାରିୟର୍ ଆରମ୍ଭ କରିଥିଲେ ବରୁଣ । ଏହାପରେ ତାଙ୍କୁ ଦେଖିବାକୁ ମିଳିଥିଲା ମେ ତେରା ହିରୋ, ବଦଲାପୁର, ଏବିସିଡି-୨ ଓ ଦିଲୱାଲେ ସମେତ ଆହୁରି କିଛି ଫିଲ୍ମରେ । ଆଜି ନିଜର ପେସାଗତ ଜୀବନରେ ପ୍ରାରମ୍ଭ ବରୁଣ ତର୍କର ପରିସରରେ ରହୁଛନ୍ତି । ବରୁଣଙ୍କ ଓ୍ୱାର୍କଫ୍ରଣ୍ଟ କଥା କହିଲେ ଏ ବର୍ଷର ଆରମ୍ଭରେ ସନି ଦେଓଲଙ୍କ ସହିତ 'ବର୍ଡର-୨'ରେ ତାଙ୍କୁ ଦେଖିବାକୁ ମିଳିଥିଲା ଓ ଏବେ ତାଙ୍କ ଖାତାରେ ରହିଛି ଦୁଇଟି ବଡ଼ ଫିଲ୍ମ -'ହେ ଯଉାନୀ ତୋ ଇସ୍କ ହୋନା ହେ' ଯାହାର ନିର୍ଦ୍ଦେଶନାର ଦାୟିତ୍ୱ ନେଇଛନ୍ତି ତାଙ୍କ ପିତା ଡେଭିଡ୍ ଧାୱନ୍ । ଏହା ଏକ ରୋମାଣ୍ଟିକ୍ କମେଡି ଯେଉଁଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ମୃଣାଳ ଠାକୁର ଓ ପୂଜା ହେଗଡେ । ୧୨ ଜୁନରେ ଫିଲ୍ମଟି ସିନେମା ଘରଗୁଡ଼ିକରେ ଦସ୍ତକ ଦେବ । ଏହାପରେ ରହିଛି ଫିଲ୍ମ 'ନୋ ଏଣ୍ଟ୍ରି ମେ ଏଣ୍ଟ୍ରି ହୋଗା' । 'ନୋ ଏଣ୍ଟ୍ରି' ଫିଲ୍ମର ଏହି ସିକ୍ୱେଲକୁ ପ୍ରଡ୍ୟୁସ୍ କରୁଛନ୍ତି ବୋନି କପୁର ଓ ଏହାର ନିର୍ଦ୍ଦେଶକ ହେଉଛନ୍ତି ଅନୀସ୍ ବଜ୍ମୀ । ଏଥିରେ ବରୁଣଙ୍କ ସହିତ ଅର୍ଜୁନ କପୁର ଓ ଦିଲଜିତ ଦୋସାଞ୍ଜ ନଜର ଆସିବେ । ତେବେ ଫିଲ୍ମର ରିଲିଜ ତାରିଖ ବିଷୟରେ ଘୋଷଣା କରାଯାଇ ନାହିଁ ।

# ଦୁଇଟି କମେଡି ଫିଲ୍ମରେ ବରୁଣ

ଗାଁର ମହକ ସହିତ ପ୍ରତି ଶନିବାର ଓ ରବିବାର ରାତି ୯:୩୦ରେ ଜୀ ସାର୍ଥକରେ ଦର୍ଶକମାନେ ଦେଖିପାରିବେ ଶୋ' 'ରଜ କୁଇନ୍' । ଏହି ବହୁଚର୍ଚ୍ଚିତ ଶୋ'ଟି ଇତିହାସରେ ପ୍ରଥମ ଥର ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରିବାକୁ ଯାଉଛି । ଚଳିତ ବର୍ଷ ଗାଲା ରାଉଣ୍ଡର ଥିମ୍ ରଖାଯାଇଛି 'ଗାଁରେ ହେବ ଗାଲା ରାଉଣ୍ଡ' । ଏହି ପର୍ଯ୍ୟାୟରେ ପ୍ରତିଯୋଗୀ ଏବଂ ମେଣ୍ଟରମାନେ ସିଧାସଳଖ ଗାଁ ମାଟିରେ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହ ଦର୍ଶକଙ୍କୁ ଓଡ଼ିଆ ସଂସ୍କୃତି ଓ ସରଳ ଜୀବନଶୈଳୀର ନିକଟତର କରାଇବେ । ଏହି ସ୍ୱତନ୍ତ୍ର ରାଉଣ୍ଡରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ଗ୍ରାମୀଣ ଟାସ୍କ କରିବାକୁ ପଡ଼ିବ; ଯେପରିକି- କ୍ଷେତରୁ ବିଲାତି ବାଇଗଣ ତୋଳିବା, ଗାଁ ଲୋକଙ୍କ ସାହାଯ୍ୟରେ ଦେଶୀ ଚୁଲିରେ ରୋଷେଇ କରିବା ଏବଂ କୂଅରୁ ପାଣି କାଢ଼ିବା ଏମିତି ବହୁତଗୁଡ଼ିଏ ଟାସ୍କ । ଏହିସବୁ କାର୍ଯ୍ୟଗୁଡ଼ିକ ସେମାନଙ୍କ ଶାରୀରିକ ସାମର୍ଥ୍ୟ ଓ ଆଡ୍‌ଜଷ୍ଟମେଣ୍ଟ ସ୍କିଲର ପରୀକ୍ଷା ନେବ । ଶୋ'କୁ ଅଧିକ ମନୋରଞ୍ଜନଧର୍ମୀ କରିବା ପାଇଁ ପପୁଲ୍ ଆମ୍ବୁ ଏଥିରେ କମେଡିର ତଡ଼କା ଲଗାଇବେ । ସେହିପରି ବିଚାରପତି ଭାବେ ଓଲିଉଡ୍ ତାରକା ଏଲିନା ଏବଂ ପୁପିନ୍ଦରଙ୍କ ସ୍ୱତନ୍ତ୍ର ଏଣ୍ଟ୍ରି ସହିତ ଆଙ୍କର୍ ଭୁଜିତ ଆଉ ଚନ୍ଦିନୀଙ୍କ ଉପସ୍ଥିତି କାର୍ଯ୍ୟକ୍ରମର ରୋମାଞ୍ଚକୁ ଦ୍ୱିଗୁଣିତ କରିବ । ତେବେ ଏହି ସୁନ୍ଦର କନସେପ୍ଟ ଉପରେ ମତ ରଖିଛନ୍ତି ଚିଫ୍ ଚ୍ୟାନେଲ୍ ଅଫିସର୍ ଶ୍ରୀ ରାହୁଲ୍ ରାଓ । ସେ କହିଛନ୍ତି- 'ଜୀ ସାର୍ଥକ ସର୍ବଦା ଓଡ଼ିଶାର କଳା, ପରମ୍ପରା ଏବଂ ଗାଁ ମାଟି ସହ ଅତି ନିବିଡ଼ ଭାବେ ଯୋଡ଼ିହୋଇ ରହିଛି । 'ଗାଁରେ ହେବ ଗାଲା ରାଉଣ୍ଡ' ଏକ ଶୋ' ନୁହେଁ, ବରଂ ଆମ ସମୃଦ୍ଧ ଗ୍ରାମୀଣ ଜୀବନଶୈଳୀ ପ୍ରତି ଏକ ସମ୍ମାନ । ପ୍ରତିଯୋଗୀଙ୍କ କଠିନ ପରିଶ୍ରମ, ଗାଁର ସରଳତା ଓ ପାରସ୍ପରିକ ବୁଝାମଣା ନିଶ୍ଚିତ ଭାବେ ଦର୍ଶକଙ୍କ ହୃଦୟକୁ ଛୁଇଁବ ।' ଏଥିରେ ଯୋଗ ଦେଉଥିବା ପ୍ରତିଷ୍ଠିତ ଯୋଡ଼ିମାନେ ହେଲେ - 'ତୁ ଖରା ମୁଁ ଛାଇ'ର ଅଭି ଓ ମାନି, 'ସାଥୁ ସାତ ଜନ୍ମର'ର ଦେବ୍ ଓ ଅର୍ଚ୍ଚନା, 'ସୁନା ଝିଅ'ର ସମ୍ବର ଓ ବର୍ଷା, 'ମୁଁ ନୁହେଁ ମୁଁ ତୁମ ବିନା'ର ସାଇ ଓ ଶ୍ରଦ୍ଧା । ଏହି ବହୁପ୍ରତୀକ୍ଷିତ ଗାଲା ରାଉଣ୍ଡ ଆସନ୍ତା ୨୫ ଏପ୍ରିଲ, ସନ୍ଧ୍ୟା ୬:୩୦ରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବ ।



# 'ରଜ କୁଇନ୍' ଫେରିବ ନିଜ ମାଟିକୁ ଗାଁରେ ହେବ ଗାଲା ରାଉଣ୍ଡ

# ରିଲିଜ ହେବ 'କ୍ୟାପ୍ଟେନ୍ ଇଣ୍ଡିଆ'

ବିଗତ କିଛି ସମୟ ହେଲା କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ଖାତାରେ ରହିଛି କେତେଗୁଡ଼ିଏ ଫିଲ୍ମ । ଏହି ସୁଚୀକୁ ଦେଖିବା ପରେ ଅନ୍ୟ ନିର୍ଦ୍ଦେଶକମାନେ ତାଙ୍କ ସହିତ କାମ କରିବା ପାଇଁ ଆଗ୍ରହ ଦେଖାଉଛନ୍ତି । ନିକଟରେ କାର୍ତ୍ତିକ ଅଭିନୀତ 'କ୍ୟାପ୍ଟେନ୍ ଇଣ୍ଡିଆ' ନାମକ ଏକ ଫିଲ୍ମର ରିଲିଜ ଡେଟ୍ ଘୋଷଣା କରାଯାଇଛି । ତେବେ ଏହି ଫିଲ୍ମ ସହିତ ତାଙ୍କର ଆଉ କେତୋଟି ଫିଲ୍ମ ଆସନ୍ତା ବର୍ଷ ରିଲିଜ ହେବ । ଆସନ୍ତା ବର୍ଷ ୧୩ ଅଗଷ୍ଟରେ ରିଲିଜ ହେବାକୁ ଥିବା ଫିଲ୍ମ 'କ୍ୟାପ୍ଟେନ୍ ଇଣ୍ଡିଆ'ର ନିର୍ଦ୍ଦେଶକ ଅଛନ୍ତି ସୀମିତ ଅମିନ୍ । ନିର୍ଦ୍ଦେଶକ ଭାବରେ ସୀମିତଙ୍କର ଏହା ହେଉଛି ପ୍ରଥମ ଫିଲ୍ମ । ଟି ସିରିଜ ଓ ବାଓ୍ୱେଜା ଷ୍ଟୁଡିଓ, ମିଡ୍‌ନାଇଟ୍ ରେଲ ଫିଲ୍ମସ୍ ଲିମିଟେଡ୍ ସହିତ ମିଶି ଫିଲ୍ମଟିକୁ ପ୍ରଡ୍ୟୁସ୍ କରିଛନ୍ତି । ଏହା ସହିତ କରଣ ଜୋହରଙ୍କ 'ନାଗଜିଲ୍ଲା' ରହିଛି ତାଙ୍କ ସୁଚୀରେ ଯାହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ମୃଗଦୀପ୍ ସିଂହ ଲାମ୍ବା । ଏଥିରେ ଜଣେ ଇଚ୍ଛାଧାରୀ ନାଗ ଭୂମିକାରେ ନଜର ଆସିବେ କାର୍ତ୍ତିକ । କବୀର ଖାନଙ୍କ ଦ୍ୱାରା ନିର୍ମିତ ଫିଲ୍ମ 'ଚନ୍ଦୁ ଚାମ୍ପିଅନ୍'ରେ କାର୍ତ୍ତିକଙ୍କୁ ଖୁବ୍ ପସନ୍ଦ କରାଯାଇଥିଲା । ଏବେ କବୀରଙ୍କର ଆଉ ଏକ ସ୍ପୋର୍ଟସ୍ ଡ୍ରାମା ଫିଲ୍ମ ରିଲିଜ ହେବ ଯାହାର ନାମ ରଖାଯାଇଛି 'କେଏ୨୦' । ଏହି ଫିଲ୍ମଟି ମଧ୍ୟ ଆସନ୍ତା ବର୍ଷ ରିଲିଜ ହେବ ।



# ହିଟ୍ ଯୋଡ଼ି: ଅକ୍ଷୟ ଓ ବିଦ୍ୟା

ବଲିଉଡ୍ ଷ୍ଟାର ଅକ୍ଷୟ କୁମାର ଏ ସମୟରେ ଫିଲ୍ମ 'ଭୂତ ବଙ୍ଗଲା'କୁ ନେଇ ଚର୍ଚ୍ଚାରେ ଅଛନ୍ତି । ଲୋକମାନେ ମନଖୋଲି ଖୁବ୍ ଭଲପାଇବା ଦେଉଛନ୍ତି ଏହି ଫିଲ୍ମଟିକୁ ଯେଉଁଥି ପାଇଁ ଫିଲ୍ମଟି ୧୨୦ କୋଟିରୁ ଅଧିକ ଆୟ କରିସାରିଲାଣି । ଏହା ମଧ୍ୟରେ ଅକ୍ଷୟଙ୍କୁ ନେଇ ଆସିଛି ଆଉ ଏକ ନୂଆ ଖବର । ବହୁତ ଶୀଘ୍ର ସେ ଅଭିନେତ୍ରୀ ବିଦ୍ୟା ବାଲନଙ୍କ ସହିତ ନଜର ଆସିବେ । ଏ ପର୍ଯ୍ୟନ୍ତ ଅକ୍ଷୟ-ବିଦ୍ୟାଙ୍କ ଯୋଡ଼ି ଫିଲ୍ମ ଭୁଲ୍ ଭୁଲେୟା, ହେ ବେବି ଓ ମିଶନ ମଙ୍ଗଳରେ ନଜର ଆସିସାରିଛନ୍ତି । ଏବେ ଏହି ଯୋଡ଼ି ଏକ ନୂଆ କମେଡି-ଡ୍ରାମାରେ ନଜର ଆସିବେ ଯାହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅନୀସ୍ ବଜ୍ମୀ । ତେବେ ଅକ୍ଷୟଙ୍କ ଏକ ପୋଷ୍ଟରୁ ଜଣାପଡୁଛି ଯେ ସେମାନେ ସୁଟିଂ ପାଇଁ କେରଳ ଯାଇଛନ୍ତି ଓ ବିଦ୍ୟାଙ୍କ ସହିତ ଅକ୍ଷୟଙ୍କର ଏହା ହେଉଛି ଚତୁର୍ଥ ଫିଲ୍ମ । ଏଥିରେ ବିଦ୍ୟାଙ୍କ ବ୍ୟତୀତ ଅନ୍ୟ ଅଭିନେତ୍ରୀ ମଧ୍ୟ ଅଛନ୍ତି । ବର୍ତ୍ତମାନ ବିଦ୍ୟା ବାଲନ୍ ରିତେଶ ଦେଶମୁଖଙ୍କ ଫିଲ୍ମ 'ରାଜା ଶିବାଜୀ'ରେ ବ୍ୟସ୍ତ ଅଛନ୍ତି ଯେଉଁଟି ରିଲିଜ ହେବ ମେ'୧ ତାରିଖରେ । ସେହିପରି ଅକ୍ଷୟ କୁମାରଙ୍କୁ ଫିଲ୍ମ 'ଭୂତ ବଙ୍ଗଲା'ରେ ଦେଖିବାକୁ ମିଳୁଛି ଯେଉଁ ଫିଲ୍ମ କରିଥାରେ ପ୍ରିୟଦର୍ଶନଙ୍କ ସହିତ ୧୬ ବର୍ଷ ପରେ ତାଙ୍କର ରି-ୟୁନିଅନ୍ ହୋଇଛି । ଏହା ବ୍ୟତୀତ ଅକ୍ଷୟ କୁମାର ଫିଲ୍ମ 'ୱେଲକମ୍ ଟୁ ଦି ଜଙ୍ଗଲ' ପାଇଁ ମଧ୍ୟ ଚର୍ଚ୍ଚାରେ ଅଛନ୍ତି ।







# ଟାଇଗରଙ୍କ ନୂଆ ଚାଲ୍

ଏହା ସତ ଯେ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ଅଭିନୟର କ୍ୟାରିୟର୍ ଠିକ୍ ଭାବରେ ଚାଲିନାହିଁ । ଲଗାତର ଅନେକଗୁଡ଼ିଏ ଫିଲ୍ମରେ ତାଙ୍କର ପ୍ରଦର୍ଶନ ଖରାପ ହେବାର ଦେଖିବାକୁ ମିଳିଛି । ସେଥିପାଇଁ ଆଗାମୀ ପ୍ରୋଜେକ୍ଟକୁ ନେଇ ବେଶ୍ ସତର୍କ ରହିବାର ନଜର ଆସୁଛନ୍ତି ଟାଇଗର୍ । ଏହା ମଧ୍ୟରେ ଏକ ନୂଆ ଫିଲ୍ମ ତାଙ୍କ ହାତକୁ ଆସିଛି ଯେଉଁଟିକୁ ନିର୍ମାଣ କରିବେ ସାଜିଦ୍ ନାଡିଆଡୱାଲା । ଏଥିରେ ଟାଇଗର୍‌ଙ୍କ ସହିତ ନଜର ଆସିବେ ଶନାୟା କପୁର । ଏହା ଏକ ଜମ୍ବି କମେଡି ଯାହାର ଶୀର୍ଷକ ଦିଆଯାଇ ନାହିଁ । ଟାଇଗର୍‌ଙ୍କ ସହିତ କେତେକ ପ୍ରୋଜେକ୍ଟରେ କାମ କରିଥିବା ନିର୍ଦ୍ଦେଶକ ଅହମଦ ଖାନ ଏହି ନୂଆ ଫିଲ୍ମର ନିର୍ଦ୍ଦେଶନା ଭାର ଉଠାଇଛନ୍ତି । ଟାଇଗର୍ ଓ ଅହମଦଙ୍କ ଯୋଡ଼ି ବାଗୀ-୨, ବାଗୀ-୩ ଓ ହେରୋପନ୍ତି-୨ ପରି ଫିଲ୍ମରେ ଏକା ସହିତ କାମ କରିଥିଲେ । ତେବେ ଏସବୁ ଫିଲ୍ମର ପ୍ରଦର୍ଶନ ଅଲଗା ରହିଛି ବକ୍ସ ଅଫିସ୍‌ରେ କିନ୍ତୁ ଏମଧ୍ୟରୁ 'ବାଗୀ-୨'କୁ ମିଳିଥିଲା ଶାନ୍‌ଦାର ସଫଳତା । ଏ ସମୟରେ ଟାଇଗର୍, ଅହମଦ ଖାନଙ୍କ 'ୱେଲକମ୍ ଟୁ ଦି ଜଙ୍ଗଲ'ରେ ବ୍ୟସ୍ତ ଥିବାରୁ ନୂଆ ଫିଲ୍ମର ସୁଟିଂ ଆରମ୍ଭ ହେବାରେ ବିଳମ୍ବ ହୋଇପାରେ । ବଲିଉଡ୍‌ରେ ଜମ୍ବି କମେଡି କଥା ଯଦି କୁହାଯାଏ ତେବେ ଏହି ଟାଇପ୍‌ର ଫିଲ୍ମ ବହୁତ କମ୍ ଦେଖିବାକୁ ମିଳିଛି । ଏହାର ଏକ ଉଦାହରଣ ହେଉଛି 'ଗୋ ଗୋଆ ଗନ୍' । ତେବେ ବର୍ତ୍ତମାନ ଅନ୍ୟ ଏକ ଜମ୍ବି କମେଡି 'ପ୍ରଳୟ' ଉପରେ କାମ କରୁଛନ୍ତି ରଣବୀର ସିଂହ । ଓ୍ୱର୍କଫ୍ରଣ୍ଟ ଦୃଷ୍ଟିରୁ ଆଗାମୀ ଦିନରେ 'ଲଗ୍ ଯା ଗଲେ'ରେ ଟାଇଗରଙ୍କୁ ଦର୍ଶକମାନେ ଦେଖିବାକୁ ପାଇବେ । ଏହା ବ୍ୟତୀତ ମାଇଥୋଲୋଜିକାଲ୍ ଆକ୍ସନ୍ ଫିଲ୍ମ 'ବଜ୍ର'ରେ ମଧ୍ୟ ଟାଇଗରଙ୍କ ଏଣ୍ଟ୍ରି ହୋଇସାରିଛି ।

# ଏକମାତ୍ର ବିକଳ୍ପ ନୁହେଁ ଇଲେକ୍‌ଟ୍ରୋନିକ୍ସ ମାଧ୍ୟମ



ପିଲାଙ୍କୁ ସବୁବେଳେ ନିୟନ୍ତ୍ରଣ ମଧ୍ୟରେ ରଖିବା ଉଚିତ। ସେମାନଙ୍କ କ୍ୟାରିୟର ତିଆରି ପାଇଁ ଶୃଙ୍ଖଳିତ ଭାବରେ ରଖାଯାଇପାରେ କିନ୍ତୁ କୌଣସି ଚାପ ସୃଷ୍ଟି କରି ନୁହେଁ। ଅନେକ ପରିବାରରେ ପିଲାଙ୍କୁ ପାଠପଢ଼ିବା ପାଇଁ ଅନେକ ଚାପ ସୃଷ୍ଟି କରାଯାଇଥାଏ। ଅବସର ବିନୋଦନ ନିମନ୍ତେ କେବଳ ଟିଭି କି ମୋବାଇଲ୍ ବାପାମାଆମାନେ ପିଲାଙ୍କୁ ଦେଇଥାନ୍ତି। ସେମାନଙ୍କ ପାଖରେ ସମୟର ଅଭାବ ହେଉ କିମ୍ବା ପିଲା ବାହାରେ ସମୟ ବିତାଇଲେ ଖରାପ ହୋଇଯିବାର ଭୟ ଥାଉ, ଯାହା ବି କାରଣ ହେଇଥାଉ ସେମାନେ ପିଲାଙ୍କୁ ଲିଜର୍ ସମୟ ଘର ଭିତରେ ବନ୍ଦୀ କରି ରଖିଥାନ୍ତି। ଫଳରେ ପିଲାଟି ବାହାର ଦୁନିଆ ସଂସ୍ପର୍ଶରେ ନଆସି ନିଜ ଭିତରେ ବନ୍ଦୀ ହୋଇଯାଏ। ଫଳରେ ଯେଉଁ ସମୟ ପିଲାଟି ପାଏ, ମନୋରଞ୍ଜନ ପାଇଁ ଟିଭି କି ମୋବାଇଲର ସାହାଯ୍ୟ ନେଇଥାଏ। ଏହାଫଳରେ ସେ ଏତେ ଅଭ୍ୟସ୍ତ ଏହି ଇଲୋକଟ୍ରୋନିକ୍ସ ଜିନିଷ ସହିତ ହୋଇଯାଇଥାଏ ଯେ ସମୟ ପଡ଼ିଲେ ତାହାର ଦୁରୁପଯୋଗ ମଧ୍ୟ କରିଥାଏ। ବିଭିନ୍ନ ଆତ୍ମଘାତୀ ଖେଳ ଖେଳିବା ସହିତ ଜୀବନକୁ ଖରାପ ଦିଗକୁ ନେଇଯାଉଥିବା ସାଇଟ୍‌ରେ ପଶି ବିଭିନ୍ନ ମନ୍ଦ କଥା ଜାଣେ, ଯାହାର କୁପରିଣାମ କେବଳ ସେ ଏକା ନୁହେଁ ବରଂ ପରିବାର ଲୋକଙ୍କୁ ଭୋଗିବାକୁ ପଡ଼ିଥାଏ। ପିଲାଟି ଯେତିକି ପାଠପଢ଼ିବା କଥା ସେତିକି ପଢ଼ିବା ସହିତ ଯେତିକି ମନୋରଞ୍ଜନ ଦରକାର କି ସାଙ୍ଗସାଥୀଙ୍କ ସହ ସମୟ ବିତାଇବା ଦରକାର, ସେ ସୁବିଧା ଦେବା ଦରକାର। ଯଦି ତାହା କରା ନଯାଏ, ପିଲାଟି ଯନ୍ତ୍ରବତ୍ ବ୍ୟବହାରର ପରିବର୍ତ୍ତନ କରିବା ସହିତ ଅନେକ ମାନସିକ ଚାପରେ ମଧ୍ୟ ଆକ୍ରାନ୍ତ ହେବ। ପିଲାର ମନୋରଞ୍ଜନ ପାଇଁ କେବଳ ଟିଭି କି କମ୍ପ୍ୟୁଟର ନୁହେଁ ବରଂ ବୟସାନୁସାରେ ମନୋରଞ୍ଜନ ପାଇଁ ଆବଶ୍ୟକ ପଡୁଥିବା ମାଧ୍ୟମ ଯୋଗାଇଦେବା ଆବଶ୍ୟକ।



## ଦକ୍ଷତା ଅନୁସାରେ ଚାକିରି

ଆପଣଙ୍କର ଯାହା ଦକ୍ଷତା ରହିଛି, ତାହାକୁ ନେଇ ନିଜ କ୍ୟାରିୟର କରନ୍ତୁ। ଚାକିରି ମିଳୁନି ଭାବି ଯାହା ମିଳିଯାଉଛି, ତାହା କରନ୍ତୁ ନାହିଁ। ଏହାଦ୍ୱାରା ନିଜ କ୍ୟାରିୟରର ବ୍ୟାରିୟର ଆସିବ। ଯେଉଁ ବିଷୟରେ କ୍ୟାରିୟର କରିଛନ୍ତି, ଯଦି ସେହି ବିଭାଗରେ ଚାକରି କରିବେ, ତାହା ଭବିଷ୍ୟତ ପାଇଁ କାମରେ ଆସିବ। ଯଦି କାର୍ଯ୍ୟ କରୁଥିବା ସଂସ୍ଥା ଛାଡ଼ି ଅନ୍ୟ କେଉଁଠି ଯୋଗ ଦେବାକୁ ଚାହିଁବେ, ତାହା ନିଜର ଏକ୍ସପେରିୟନ୍ସକୁ କାଉଣ୍ଟ୍ କରିବ। ଯେତେ ଆଗକୁ ଯିବେ, ତାହା ସେତେ ସହାୟକ ହୋଇପାରିବ। ଅନେକ ଅର୍ଥ ଲୋଭରେ ହେଉ ଅବା ଚାକିରି ନମିଳିବା ଭୟରେ ହେଉ, ଯେଉଁଠି ଯାହା ମିଳିଲା, ଚାକିରିରେ ଯୋଗ ଦେଇଥାନ୍ତି। ଫଳରେ ଏହା ଭବିଷ୍ୟତରେ ଅନେକ କ୍ଷତି ସାଧିତ ହୋଇଥାଏ। ଯଦି ନିଜକୁ ବହୁତ ଆଗକୁ ଯିବାକୁ ଅଛି, ତା'ହେଲେ ନିଜ କ୍ୟାରିୟରକୁ ଲକ୍ଷ୍ୟ କରି ଯଦି ଯୋଗଦାନ କରିବେ, ତାହା ଭବିଷ୍ୟତ ପାଇଁ ଅନେକ ଶୁଭଫଳ ପ୍ରଦାନ କରିବ। ଆପଣ ଯାହା କିଛି କରିବାକୁ ଚାହୁଁଛନ୍ତି, ଯଦି ନିଜେ କିଛି ସିଦ୍ଧାନ୍ତ ନେଇ ପାରୁନାହାନ୍ତି, ତେବେ ଅନ୍ୟର ପରାମର୍ଶ ନେବା ଉଚିତ। ଯେଉଁମାନେ କ୍ୟାରିୟର ବାବଦରେ ଅନେକ କିଛି ଜାଣିଛନ୍ତି, ସେମାନଙ୍କ ଠାରୁ ଭଲ ମନ୍ଦ ପଚାରି ବୁଝିବା ଦରକାର। ନଚେତ କ୍ୟାରିୟର କାଉଁସେଲର୍‌ଙ୍କ ଠାରୁ ମଧ୍ୟ ପରାମର୍ଶ ନେଇପାରିବେ।

# ଜଳସଙ୍କଟ ଓ ଅସନ୍ତୁଳନ ବିଶ୍ୱ !!

ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା



ସମଗ୍ର ପରିବେଶ ଓ ପାଣି ପାଗ ଏକ ବହୁତ ବଡ଼ ବିପର୍ଯ୍ୟୟକୁ ସାମ୍ନା କରିବା ପାଇଁ ଯାଉଛି। ଆମ୍ଭ ମାନଙ୍କର କାର୍ଯ୍ୟକଳାପ ଯୋଗୁଁ ତମାମ ବିଶ୍ୱ ବର୍ତ୍ତମାନ ଅସନ୍ତୁଳନର ଗୋଟାଏ ବିପର୍ଜ୍ୟନକ ପର୍ଯ୍ୟାୟରେ ପ୍ରବେଶ କରିଛି ବୋଲି ବୈଜ୍ଞାନିକ ଓ ପରିବେଶ ବିଜ୍ଞାନୀ ମାନେ ମଧ୍ୟ ସାବଧାନ କରାଇ ଦେଇଛନ୍ତି। ନିକଟରେ ବୈଷୟିକ ଜଳବାୟୁ ମୂଲ୍ୟାୟନର ଯାହା ରିପୋର୍ଟ ପ୍ରକାଶ ପାଇଛି ତାହା ଆଖି ତରାଟି ଦେଲାଭଳି। ୨୦୧୫ରୁ ୨୦୨୫ ଅର୍ଥାତ୍ ଏଗାର ବର୍ଷ ଭିତରେ ଅସହ୍ୟ ଗରମ ବା ନାହିଁ ନଥିବା ଗରମ ଅନୁଭୂତ ହୋଇଛି। ତେବେ ଖାଲି ପାଣିପାଗର ଏହି ଉଦବେଗ ଏକା ହୋଇ ରହିନାହିଁ ଅନ୍ୟ ଏକ ସମ୍ଭାବିତ ଦିଗଟି ମଧ୍ୟ ଆମ ସମସ୍ତଙ୍କ ପାଇଁ ଚିନ୍ତାଜନକ ନିଶ୍ଚୟ। ନିକଟରେ ବିଶ୍ୱସ୍ତରୀୟ ପରିସଂଖ୍ୟାନର ତଥ୍ୟ ଯାହା ସୂଚୀତ କରିଛି ତାହାକୁ ଆଧାର କରିଦେଖିଲେ ବିଶ୍ୱର ଅଧା ଜନସଂଖ୍ୟା ଏବେ ଜଳ ସଙ୍କଟ ଦେଇ ଗତି କରୁଛି। ଅର୍ଥାତ୍ ୪୦୦ କୋଟି ଲୋକ ଘୋର ଜଳ ସଙ୍କଟରେ ରହିଛନ୍ତି। ଜାତିସଂଘ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଏଭଳି ଉଦବେଗଜନକ ତଥ୍ୟ ଦିଆଯାଇଛି। କେବଳ ସେତିକି ନୁହେଁ, ବିଶ୍ୱର ୧୦୦ଟି ବୃହତ୍ତମ ସହର ମଧ୍ୟରୁ ଅଧା ଅର୍ଥାତ୍ ୫୦ଟି ସହର ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଉଛି। ଏଥିରେ ଦିଲ୍ଲୀ, ବେଜିଂ, ନ୍ୟୁୟର୍କ ଭଳି ସହର ଅନ୍ତର୍ଭୁକ୍ତ। ରିପୋର୍ଟ ଅନୁଯାୟୀ ୨୯ଟି ସହରର ସ୍ଥିତି ଅତ୍ୟନ୍ତ ଗମ୍ଭୀର ବୋଲି ଦର୍ଶାଯାଇଛି। ଏଥିରେ ଭାରତର ରାଜଧାନୀ ଦିଲ୍ଲୀ ଚତୁର୍ଥ ସ୍ଥାନରେ ରହିଥିବା ବେଳେ କୋଲକାତା ୯ମ, ମୁମ୍ବାଇ ଦ୍ୱାଦଶ, ବେଙ୍ଗାଲୁର ୨୪ତମ ଓ ଚେନ୍ନାଇ ୨୯ତମ ସ୍ଥାନରେ ରହିଛି। ହାଇଦ୍ରାବାଦ, ଅମହଦାବାଦ, ସୁରତ ଓ ପୁଣେ ମଧ୍ୟ ଦୀର୍ଘକାଳୀନ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି।

ଆଫଗାନିସ୍ଥାନ ରାଜଧାନୀ କାବୁଲ ସମ୍ପୂର୍ଣ୍ଣ ଜଳଶୂନ୍ୟ ହେବାରେ ପ୍ରଥମ ଆଧୁନିକ ସହର ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଅତ୍ୟଧିକ ଭୂତଳ ଜଳ ବ୍ୟବହାର କାରଣରୁ ମେକ୍ସିକୋ ସିଟି ପ୍ରତିବର୍ଷ ପ୍ରାୟ ୨୦ ହଜାର ଇଞ୍ଚ ତଳକୁ ଧସିବା ଅର୍ଥାତ୍ ଦବିବାରେ ଲାଗିଛି। ଆମେରିକାର ଦକ୍ଷିଣ-ପଶ୍ଚିମ ରାଜ୍ୟ ଗୁଡ଼ିକରେ କଲୋରଡ଼ା ନଦୀ ଜଳକୁ ନେଇ ଟଣାଓଟରା ଚାଲିଛି। ମଝିରେ ଆମେ ଏକ ଆଶ୍ଚର୍ଯ୍ୟଜନକ ଖବର ଦେଖିଥିଲେ ଯେ ଦୁବାଇ, କୁଏତ ଓ ସାଉଦିଆରବରେ ଅନେକ ବର୍ଷ ପରେ ଅଚାନକ ବର୍ଷା ହୋଇ ମରୁଭୂମିର ଏହି ମୂଲକରେ ବନ୍ୟା ଦେଖିବାକୁ ମିଳିଥିଲା। ଆରବ ମରୁ ରାଜ୍ୟରେ ବନ୍ୟା, ଏ ଦୃଶ୍ୟଟି ସମଗ୍ର ବିଶ୍ୱବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା ମଧ୍ୟ। ପାଣିପାଗର ସନ୍ତୁଳନ କିପରି ଭୟାନକ ଭାବେ ବିଗିଡ଼ି ଯାଇଛି ଏହିଥିରୁ ଅନୁମାନ କରନ୍ତୁ।

ରିପୋର୍ଟ ଅନୁଯାୟୀ ନଦୀ ଏବଂ ହ୍ରଦ ସଙ୍କୁଚିତ ହେବାରେ ଲାଗିଛି। ଭୂତଳ ଜଳ ହ୍ରାସ ପାଉଛି ଓ ଆର୍ଦ୍ରଭୂମି ଶୁଖି ଯାଉଛି। ଜମି କମି ଯାଉଛି, ଗର୍ତ୍ତ ସୃଷ୍ଟି ହେଉଛି ଏବଂ ମରୁଭୂମି ବିସ୍ତାର ହେଉଛି। ପ୍ରତିବର୍ଷ ୪ ବିଲିଅନ ବା ୪୦୦ କୋଟି ଲୋକ ଅତିକମରେ ଗୋଟିଏ ମାସ ପାଇଁ ଜଳାଭାବର ଶିକାର ହେଉଛନ୍ତି। ଇରାନ ରାଜଧାନୀ ତେହେରାନ କ୍ରମାଗତ ଷଷ୍ଠ ବର୍ଷ ପାଇଁ ମରୁଡ଼ିର ସମ୍ମୁଖୀନ ହେଉଛି ଓ ଡେ ଜିରୋ ଅର୍ଥାତ୍ ଶୂନ୍ୟ ଦିନର ବହୁତ ନିକଟତର ହେଉଛି। ଅତ୍ୟଧିକ ଜଳ ସଙ୍କଟ ବା ମୌଳିକ ଆବଶ୍ୟକତାର ପୂରଣ ପାଇଁ ପାଣିର ଅଭାବକୁ ଡେ ଜିରୋ ବୋଲି କୁହାଯାଇଥାଏ। ଇରାନରେ ନିକଟ ଭବିଷ୍ୟତରେ ଏପରି ଦିନ ଆସିବ ଯେଉଁ ଦିନ ନାଗରିକଙ୍କ ପାଇଁ ପାଣି ରହିବ ନାହିଁ। ଦକ୍ଷିଣ ଆଫ୍ରିକା ରାଜଧାନୀ କେପ ଟାଉନ ଓ ଚେନ୍ନାଇ ମଧ୍ୟ ପୂର୍ବରୁ ଏହି ସ୍ଥିତିରେ ପହଞ୍ଚି ସାରିଛନ୍ତି।



ଜାତିସଂଘ ବିଶ୍ୱବିଦ୍ୟାଳୟ ଜଳ, ପରିବେଶ ଏବଂ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ତଥ୍ୟ ଅନୁଯାୟୀ ଆମକୁ ଏକ ନୂତନ ଓ ସୀମିତ ବାସ୍ତବତା ସହ ବଞ୍ଚିବା ଶିଖିବାକୁ ପଡ଼ିବ। ୧୯୯୦ ପରଠାରୁ ବିଶ୍ୱର ଅଧା ପ୍ରମୁଖ ହ୍ରଦ ଜଳ ହରାଇବାରେ ଲାଗିଛି। ଭୂତଳ ଜଳ ଭଣ୍ଡାର ନିରନ୍ତର ୭୦ ପ୍ରତିଶତ ହ୍ରାସ ପାଇଛି। ଗତ ୫୦ ବର୍ଷ ମଧ୍ୟରେ ୟୁରୋପ ଅନେକ ଆର୍ଦ୍ରଭୂମି ଅଦୃଶ୍ୟ ହୋଇଗଲାଣି। ୧୯୭୦ ପର ଠାରୁ ହିମପ୍ରବାହ ପ୍ରାୟ ୩୦ ପ୍ରତିଶତ ସଙ୍କୁଚିତ ହୋଇଛି। ତେଣୁ ଆଗକୁ ବିଶ୍ୱ ପାଇଁ ଏକ ମହାଜଳ ସଙ୍କଟ ସ୍ଥିତି ଆସୁଛି ବୋଲି ଧରି ନେବାକୁ ହେବ। ସାରା ବିଶ୍ୱର ଅଧିବାସୀ ଏ ନେଇ ସଚେତନ ହେବାର ଆବଶ୍ୟକତା ରହିଛି। ସବୁଠାରୁ ବଡ଼କଥା ହେଉଛି ଆମ୍ଭେମାନେ ପ୍ରାକୃତିକ ଅନେକ ଜଳ ଉତ୍ସକୁ ଏହା ଉପରେ କଂକ୍ରିଟ ଜଙ୍ଗଲ ଗଢ଼ି ଏହାର ସ୍ରୋତକୁ ବନ୍ଦ କରିଦେଉଛୁ ଯାହାର କୁପରିଣତି ସ୍ଥାନୀୟ ଅଧିବାସୀଙ୍କୁ ଭୋଗିବାକୁ ପଡୁଛି ମଧ୍ୟ। ସେହିପରି ଅବିରତ ଭାବେ ଆମ୍ଭେମାନେ ଅନେକ କ୍ଷେତ୍ରରେ ଜଳ ନଷ୍ଟ କରୁଛୁ। ଆପଣ ଅନେକ ସ୍ଥାନରେ ରାସ୍ତାରେ ଗଲାବେଳେ ଲକ୍ଷ୍ୟ ରଖିଥିବେ ରାସ୍ତାକଡ଼ର ଟ୍ୟାପ୍‌ରୁ ଦିନ ରାତି ପାଣି ବୋହି ଚାଲିଥିବ। ଏପଟେ ଆମେ ଏହି ରାଜ୍ୟରେ ମଧ୍ୟ ବାସ କରୁଛେ ଯେଉଁଠି କି ରାଜ୍ୟର କିଛି ଉପାନ୍ତ ଓ ପାର୍ବତ୍ୟ ଘେରା ଅଞ୍ଚଳରେ ସ୍ଥାନୀୟ



ଲୋକମାନେ ଅନେକ ବାଟ ଚାଲି ଚାଲି ଯାଉଛନ୍ତି। ସେହିପରି ବିଭିନ୍ନ ସଫା ସଫି ଓ ଅଯଥା ସୌଖିନ କାର୍ଯ୍ୟ ପାଇଁ ଆମେମାନେ ମଧ୍ୟ ଅପର୍ଯ୍ୟାପ୍ତ ଜଳ ନଷ୍ଟ କରୁଛୁ। ଜଳ ଯେ କେତେ ମୂଲ୍ୟବାନ ଆମେ ବ୍ୟକ୍ତିଗତ ଜୀବନରେ ଅନୁଭବ କରିଛେ। ପାଣି ମୁନ୍ଦାଏ ପାଇଁ ଅନେକ ଲୋକଙ୍କ ଜୀବନ ଅକାଳରେ ଚାଲିଯିବାର ଖବର ଆମ ଆଖପାଖରେ ଅନେକଙ୍କ ଠାରେ ଦୁଃଖଦ ଅନୁଭୂତି ଭାବରେ ଥିବ। ତେଣୁ ସମୟ ପହଞ୍ଚିଛି ପ୍ରକୃତିର ଏହି ଶକ୍ତି ଅସନ୍ତୁଳନ କଥା ଚିନ୍ତା କରିବା ବୈଜ୍ଞାନିକମାନେ ମଧ୍ୟ ସହଯେ ସତର୍କ କରିସାରିଲେଣି ଯେ ପୃଥିବୀରେ ଗଚ୍ଛିତ ଥିବା ବରଫ ହ୍ରାସ ପାଇଚାଲିଛି ପ୍ରାୟ ଏକ ଦଶନ୍ଧି ହେବ ସମୁଦ୍ର ଉତ୍ତାପ ମଧ୍ୟ ରେକର୍ଡ଼ ସ୍ତରରେ ପହଞ୍ଚିଛି। ଏଥିଯୋଗୁଁ ଭୀଷଣ ବାତ୍ୟା, ସାମୁଦ୍ରିକ ଝାଞ୍ଜି ଏହାର ପ୍ରଭାବରେ ବନ୍ୟା ଓ ମରୁଡ଼ି ପରି ଅନେକ ପ୍ରକୃତିଗତକୁ ପ୍ରଭାବ ପରିଲକ୍ଷିତ ହେବ। ଦୁଃଖ ଏଇଠି ମଧ୍ୟ ସରିନାହିଁ। ଆମ୍ଭେମାନେ ପରିବେଶକୁ ଦିନକୁ ଦିନ ଯେଉଁପରି ଭାବରେ କାର୍ବନ ଡାଇଅକ୍ସାଇଡ଼, ମିଥେନ, ନାଇଟ୍ରସ ଅକ୍ସାଇଡ଼ ଭଳି ଗ୍ରୀନ୍ ହାଉସ ଗ୍ୟାସ ବା ଉତ୍ତାପ ଆବଦ୍ଧକାରୀ ବାଷ୍ପ ବଢ଼ାଇବାରେ ପ୍ରମୁଖ ଓ ପରୋକ୍ଷ ଭୂମିକା ନିର୍ବାହ କରୁଛେ ଏହା ତମାମ ବିଶ୍ୱର ଶକ୍ତି ସନ୍ତୁଳନର ବିଭ୍ରାଟ ଘଟାଇବା ପାଇଁ ଯଥେଷ୍ଟ। ବୈଜ୍ଞାନିକଙ୍କ ତଥ୍ୟ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଜଳବାୟୁ ପରିବର୍ତ୍ତନ କେବଳ ଭୟାନକ ଜଳ ସଙ୍କଟ ନୁହଁ ଖାଦ୍ୟ ସଙ୍କଟ, ସ୍ୱାସ୍ଥ୍ୟ ସମସ୍ୟା ଓ ବିଭିନ୍ନ ସଂକ୍ରାମକ, ଆକସ୍ମିକ ଓ ଦୀର୍ଘକାଳୀନ ରୋଗ ବ୍ୟାପିବା ପାଇଁ ମଧ୍ୟ ଜଡ଼ିତ। ଯାହାର ବିପର୍ଯ୍ୟୟର କୁପରିଣତି ନିମିତ୍ତ ବିପୁଳ ଲୋକ ବାସହରା ହେବେ। ତେଣୁ ଏସବୁ ଦିଗକୁ ଦେଖି ଜଳ ସଙ୍କଟ ଠାରୁ ବିଶ୍ୱରେ ସନ୍ତୁଳନର କିପରି ଯଥାର୍ଥ ଉତ୍ତରଦାୟୀ ଭୂମିକା ନିର୍ବାହ କରିବା ଆସନ୍ତୁ ଏହି ଦାୟିତ୍ୱରେ ଆମେ ସମସ୍ତେ ନିଜକୁ ସାମିଲ କରିବା।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,**
**ଚହଟା ନଗର, ଲେନ୍-୬, କଟକ-୧୪,**
**ଦୂରଭାଷ : ୭୦୦୮୪୭୮୯୮୬**
E-mail : nibeditabehera08021985@gmail.com



ସ୍ୱାସ୍ଥ୍ୟ ସ୍ୱତନ୍ତ୍ର


# ପିଠି ଯନ୍ତ୍ରଣା




ମଣିଷ କାର୍ଯ୍ୟବ୍ୟସ୍ତତା କାରଣରୁ ପିଠିରେ କିମ୍ବା ଅଣ୍ଟାରେ ଯନ୍ତ୍ରଣା ହେବା ଦେଖାଯାଏ। ଅଧିକ ସମୟ ବସି କାମ କରିବା କି ଛିଡ଼ା ହୋଇ ରହିବା ଦ୍ୱାରା ପିଠିରେ ଯନ୍ତ୍ରଣା ଅନୁଭବ ହୁଏ। ଫଳରେ ଏହା କ୍ରମଶଃ ଯନ୍ତ୍ରଣା ବୃଦ୍ଧି ପାଇବା ସହ ଅଧିକ କଷ୍ଟ ହୋଇଥାଏ। ସେମିତି ଦେଖିବାକୁ ଗଲେ ଯନ୍ତ୍ରଣା ବିଭିନ୍ନ କାରଣରୁ ହୋଇଥାଏ। ଅଧିକ ସମୟ ଛିଡ଼ା ହୋଇ ରହିବା ଦ୍ୱାରା ପିଠି ବିନ୍ଧିବାକୁ ଫେସେଟ୍ ଜଏଣ୍ଟ୍ ସମସ୍ୟା ବୋଲି ତାକୁ କହିପାରିବା। ପେସେଟ ଜଏଣ୍ଟରେ ଆର୍ଥାରାଇଟିସ୍‌ରେ କାରଣରୁ ଅଧିକ ସମୟ ଛିଡ଼ା ହେବା ଦ୍ୱାରା ମାଂସ ଟାଣି ହେଲା ପରି ଲାଗେ। ମାଂସପେଶୀ ଷ୍ଟିପ୍ ହୋଇ ବିନ୍ଧିବା ଆରମ୍ଭ କରେ। ଏହା ବ୍ୟତୀତ ଫ୍ରୋଜେନ୍ ସୋଲ୍‌ଡର ସମସ୍ୟା ମଧ୍ୟ ପିଠି ବିନ୍ଧିବାର ଆଉ ଏକ କାରଣ। ସ୍ପଣ୍ଡିଲାଇଟସ୍ ପାଇଁ ମଧ୍ୟ ପିଠି ବିନ୍ଧିବା ଭଳି ସମସ୍ୟା ଦେଖାଯାଇଥାଏ। ଏହା ଦ୍ୱାରା ବସିବାବେଳେ ହେଉ କି ଚାଲିବାବେଳେ ହେଉ ପିଠି ବିନ୍ଧିବା ଲାଗି ରହିଥାଏ। ବିଶେଷକରି ସ୍ପଣ୍ଡିଲାଇଟସ୍ ଥିଲେ ସବୁବେଳେ ଯନ୍ତ୍ରଣା ଲାଗି ରହିବାବେଳେ ଫ୍ରୋଜେନ୍ ସୋଲ୍‌ଡର ସମସ୍ୟା ଥିଲେ କୌଣସି କାମ କରିବା ବେଳେ କିମ୍ବା କୌଣସି ଉଚ୍ଚସ୍ଥାନରୁ ଜିନିଷଟେ ଆଣିବାବେଳେ ଏହି ପିଠି ବିନ୍ଧା ସମସ୍ୟା ଦେଖାଯାଇଥାଏ।

**ଅନେକ ସମୟରେ ଆମେ ଦେଖିଥାନ୍ତି, ଶୋଇବାର ପୋଜିସନ୍ଂ ଅଡୁଆ ହେଲାବେଳେ ପିଠି ବିନ୍ଧିଥାଏ। ଯଦି ଏହା ଦିନେ ଅଧେ ହେଲା ଚଳିବ କିନ୍ତୁ ଯଦି ନିର୍ଦ୍ଦିଷ୍ଟ ପୋଜିସନ୍ଂରେ ଶୋଇବା ଦ୍ୱାରା ପିଠି ବିନ୍ଧୁ ଥାଏ, ତା'ହେଲେ ଜାଣିବା ଏହା ନିଶ୍ଚିତ ଭାବରେ ନ୍ୟୁରାଲଜିଆର କାରଣ ହୋଇପାରେ।**







## କଣ କରିବେ-

ଯଦି ନିୟମିତ ପିଠି ବିନ୍ଧା ହେଉଛି, ତୁରନ୍ତ ଡ଼ାକ୍ତଙ୍କ ପରାମର୍ଶ ନେବା ଉଚିତ। ଏଣୁତେଣୁ ଔଷଧ ଖାଇବା ଉଚିତ ନୁହେଁ। ବେଳେବେଳେ ପବନ ଅଟକିଗଲେ କିମ୍ବା ରକା ଲାଗିଗଲେ ମେଡ଼ିସିନ୍ ଦୋକାନରୁ ମେଡ଼ିସିନ୍ ଆଣି ଖାଇଦେଲେ ଭଲ ହୋଇଯାଏ। ସେହିଭଳି ବିଚାର କରି ନିୟମିତ ପିଠି ବିନ୍ଧା ହେଉଥିବା ବ୍ୟକ୍ତିମାନେ ଯଦି ଅବହେଳା ପ୍ରଦର୍ଶନ କରିବେ କିମ୍ବା ମେଡ଼ିସିନ୍ ଦୋକାନରୁ ସାମୟିକ ବିନ୍ଧାରୁ ଉପଶମ ପାଇଁ ମେଡ଼ିସିନ୍ ଖାଇବେ, ଏହା ଶରୀର ଉପରେ କୁପ୍ରଭାବ ପକାଇବ। କୌଣସି ମସଲ୍ ରିଲାକ୍ସ ଔଷଧ ଖାଇବା ଉଚିତ ନୁହେଁ। କାରଣ ଏହାଦ୍ୱାରା ସେହି ସମୟର ପରିସ୍ଥିତିକୁ ସହଜ କରି ଦେଇହେବ ସିନା କିନ୍ତୁ ରୋଗର ମୂଳପୋଛ ହୋଇପାରିବ ନାହିଁ। ଯେଉଁମାନେ ଉପଯୁକ୍ତ ଡ଼ାକ୍ତରଙ୍କ ପରାମର୍ଶ ନେଇ ଆଣ୍ଟିଇନ୍‌ଫ୍ଲେମେଟାରୀ ଔଷଧ ଖାଇବେ, ତା'ହେଲେ ନିଶ୍ଚିତ ଭାବରେ କିଛିଦିନ ପରେ ପିଠି ବିନ୍ଧାରୁ ରକ୍ଷା ପାଇପାରିବେ। ଯଦି ଫିଜିଓଥେରାପି ଚିକିତ୍ସା ନେବାକୁ ଚାହିଁବା ନେଇପାରିବା କିନ୍ତୁ ଡ଼ାକ୍ତରଙ୍କ ପରାମର୍ଶରେ ନେବା ଦରକାର। ନିୟମିତ ଔଷଧ ଖାଇବା ଓ ଫିଜିଓଥେରାପି ନେବା ଦ୍ୱାରା ପିଠି ଯନ୍ତ୍ରଣା କମ୍ ହୋଇଥାଏ। ଅନେକ ଏହାକୁ ମସାଜ୍ ଦ୍ୱାରା ହ୍ରାସ କରିହୁଏ ବୋଲି ଭାବିଥାନ୍ତି। ଫଳରେ ବିଭିନ୍ନ ମସାଜ୍ ସେଣ୍ଟରକୁ ଯାଇ ବାରମ୍ୱାର ମସାଜ୍ କରିଥାନ୍ତି। ତାହାଦ୍ୱାରା କିଛି ସମୟ ପାଇଁ ଯନ୍ତ୍ରଣା ଉପଶମ ହୁଏ ସିନା କିନ୍ତୁ ସ୍ଥାୟୀ ଭାବରେ କିଛି ସମସ୍ୟାର ସମାଧାନ ହୋଇପାରେ ନାହିଁ। ଏଣୁ ପିଠିବିନ୍ଧା ସମସ୍ୟା ଏକ ଛୋଟ ସମସ୍ୟା ନୁହେଁ। ଏହାଦ୍ୱାରା ଅନେକ କାମ ମଧ୍ୟ ବାଧାପ୍ରାପ୍ତ ହୁଏ। ଯେତେଶୀଘ୍ର ଏହାକୁ ଦୂର କରିବା ଉଚିତ। ସୁସ୍ଥ ଭାବରେ ରହିବା ପାଇଁ ନିୟମିତ ଡ଼ାକ୍ତରଙ୍କ ପରାମର୍ଶ କରିବା ସହ ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ପଡ଼ିବ। ଅନେକ ନିଜର ଲାଇଫ୍‌ଷ୍ଟାଇଲ୍‌କୁ ଏମିତି ଢ଼ଙ୍ଗରେ ନେଇଥାନ୍ତି, ଯାହାଫଳରେ ଆମପାଇଁ କାଳ ହୋଇଥାଏ। ଏଣୁ ନିଜର ଦୈନନ୍ଦିନ ଜୀବନକୁ ସରଳ, ସୁଖୀ ହେବା ପାଇଁ ଚେଷ୍ଟା କରନ୍ତୁ।

ମହକ

# ସ୍ୱରରାଣୀ ଆଶା ଓ ଓଡ଼ିଆ ସଂଗୀତ

ଅନୁପମା ଭୂୟାଁ

ସୁମଧୁର ମିଠା ସ୍ୱରରେ ତନମନକୁ ଝଙ୍କୃତ କରି ବିଶ୍ୱର କୋଣେ ଅନୁକୋଣେ ଶ୍ରୋତା ମାନଙ୍କୁ କେବଳ ଆନମନା କରୁଥିବା ନୁହେଁ ଗୀତର ଅପୂର୍ବ ମାଧୁର୍ଯ୍ୟର ମହକକୁ ମନ୍ତ୍ରମୁଗ୍ଧ କରିଥିବା କିମ୍ବଦନ୍ତୀ ସ୍ୱର ରାଣୀ ଆଶା ଭୋସେଲଙ୍କର ବୟାନବେ ବର୍ଷ ବୟସରେ ଏ ଇହଧାମ ଛାଡ଼ିଛନ୍ତି। ଅନେକ ହୁଏତ ଜାଣି ନଥିବେ ଯେ ଏହି କିମ୍ବଦନ୍ତୀ ପ୍ରଚ୍ଛଦପଟ୍ଟ ଗାୟିକା ଅନେକ ଓଡ଼ିଆ ଗୀତରେ କଣ୍ଠଦାନ କରିଛନ୍ତି। କୋଟି ଓଡ଼ିଆଙ୍କ ସଂଗୀତର ଅନୁଭବୀ ଭିତରେ ସବୁଠୁ ଆଗରେ ଆସିବ 'ବନ୍ଦେ ଉତ୍କଳ ଜନନୀ'। ଭାରତର ନାଁ କରା ସଂଗୀତ ନିର୍ଦ୍ଦେଶକ ଶଙ୍କର ଏହସାନ ଲୟଙ୍କ ସଂଗୀତ ନିର୍ଦ୍ଦେଶନାରେ ଏହି କୋଟି ଓଡ଼ିଆଙ୍କ ଭାବ ବନ୍ଧନୀକୁ ଦୃଢ଼ୀଭୂତ କରିଥିବା ଗୀତରେ କଣ୍ଠଦାନ ଦେବା ପରେ ଏହା ସେ ସମୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ୧୯୬୮ ମସିହାରେ ସ୍ୱର ନାୟିକା ଆଶା ଓଡ଼ିଆ ସିନେମାରେ ପ୍ରଥମ ଥର ପାଇଁ କଣ୍ଠଦାନ କରିଥିଲେ 'ଅରୁନ୍ଧତୀ' ସିନେମାରେ 'ରସିଆରେ, ଯାଆରେ ଯାଆ କହିଯା'। ସେହିପରି ତାଙ୍କର ଆଉ ଗୋଟିଏ ଗୀତ ଥିଲା 'ତୀର ତରବାରୀ ଶାଣ ଦିଆ ଛୁରୀ ଅବା ଏ ରସିଲା ଆଖିର କଟାରି କିଏ କାଟିପାରେ କଲିଜା, ରାଣୀ ତୋତେ କହିଯା' - ଓଡ଼ିଆ ସଂଗୀତ ସାରସ୍ୱତ ସାଧକ ଗୁରୁକୃଷ୍ଣ ଗୋସ୍ୱାମୀ ଲେଖିଥିବା ଓ ଶାନ୍ତନୁ ମହାପାତ୍ରଙ୍କ ସ୍ୱର ସଂଯୋଜନାରେ ଏହି ଗୀତଟି ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା ତେବେ ଦୁର୍ଭାଗ୍ୟର ନିୟତି ଲେଖନୀ ସମ୍ଭବତଃ ଏହା ଥିଲା ଏହି ଚଳଚ୍ଚିତ୍ରଟି ୧୯୬୮ରେ ମୁକ୍ତିଲାଭ କରିଥିଲା ସତ କିନ୍ତୁ ଏ ଗୀତର ଗ୍ରାମଫୋନ ରେକର୍ଡ଼ କୌଣସି ଠାରେ ମଧ୍ୟ ନାହିଁ। ପାଖାପାଖି ସାତ ବର୍ଷ ପରେ ଗଣେଶ ମହାପାତ୍ରଙ୍କ ସିନେମା 'ସମୟ'ରେ 'ଝିମି ଝିମି ଝିମିକା ମଜା, ଚାଖିଲେ ନ ଛାଡ଼ିବୁ ରାଜା' ଏହି ଗୀତଟି ସେ ସମୟରେ ରେଡ଼ିଓରେ ପ୍ରସାରଣ ହେବା ପରେ ଅଗଣିତ ଦର୍ଶକଙ୍କୁ ମତୁଆଲା କରିଥିଲା। ପରେ ଅର୍ଥାତ୍ ୧୯୮୧ରେ ସୁରେନ୍ଦ୍ର ବିଦ୍ୟାଧରଙ୍କ ସିନେମା 'ଆରତୀ'ରେ ଖ୍ୟାତନାମା ସଂଗୀତ ସାଧକ ବାସୁଦେବ ରଥଙ୍କ ସ୍ୱର ସଂଯୋଜନାରେ 'ଜହ୍ନ ଗୋ ତୁମେ ଝୁରନା, ଝରାଇ ଲୁହ ଜୋଛନା' ସେହିପରି ୧୯୮୪ ମସିହାରେ ଗୁରୁ ମହାନ୍ତି ଓ କମଲ ପଟ୍ଟନାୟକଙ୍କ ମିଳିତ ସଂଗୀତ ସଂଯୋଜନାରେ 'ରାଧା' ସିନେମାରେ 'ଏ ମନ ପିଆଲାରେ ଭରି ଦିଅ ପିରତୀ ମଦିରା' ଗୀତ ବାସ୍ତବିକ ଓଡ଼ିଆ ସଂଗୀତପ୍ରେମୀଙ୍କୁ ଏକ ପ୍ରକାର ମୋହଗ୍ରସ୍ତ କରିଦେଇଥିଲା। ଏହି ଗୀତଟିର ମିଠାସରେ ଆଶାଙ୍କ ସହ ସେ ସମୟର ପ୍ରସିଦ୍ଧ ହିନ୍ଦୀ ଗାୟକ ଅମିତ କୁମାର କଣ୍ଠଦାନ କରିଥିଲେ। ପରବର୍ତ୍ତୀ ସମୟରେ ବାସୁଦେବ ରଥ 'ଆରତୀ' ସିନେମାରେ 'ଜହ୍ନ ଗୋ ତୁମେ ଝୁରନା' ଗୀତ ପାଇଁ ଆଶାଙ୍କୁ ସୁଯୋଗ ଦେଇଥିଲେ ଏବଂ ତାଙ୍କ ସୁଯୋଗରେ ପରବର୍ତ୍ତୀ ସମୟରେ 'ସନ୍ଧ୍ୟାତାରା' ସିନେମାରେ 'ମୁଁ ହଜିଛି ତୁମ ଆଖିରେ, ମୁଁ ଖୋଜୁଛି ସପନରେ' ମଧ୍ୟ କଣ୍ଠଦାନର ସୁଯୋଗ ପାଇଥିଲେ। ୧୯୯୨ରେ ଓଡ଼ିଆ ସିନେମା 'ମାଆ'ରେ ସ୍ୱରୂପ ନାୟକଙ୍କ ନିର୍ଦ୍ଦେଶନାରେ କଣ୍ଠଦାନ କରିଥିଲେ 'ତୋ ନାଁରେ ପିନ୍ଧିଲି ଚୁଡ଼ି' ଏବଂ ଶେଷ ଓଡ଼ିଆ ସଂଗୀତ ଭାବରେ ଦେଖିଲେ ହେମନ୍ତ ପାଣ୍ଡେ ଓ ଶଙ୍କର ପ୍ରଧାନଙ୍କ ସଂଗୀତ ନିର୍ଦ୍ଦେଶନାରେ ୨୦୧୬ରେ ପରଦାକୁ ଆସିଥିବା 'ଚିନି' ସିନେମାଟି ଥିଲା ସମ୍ଭବତଃ ଶେଷ ଓଡ଼ିଆ ସଂଗୀତ।

କେବଳ ଓଡ଼ିଆ ସିନେମା ନୁହେଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନରେ ମଧ୍ୟ ସେ କଣ୍ଠଦାନ କରିଛନ୍ତି। ବାପୁ ଗୋସ୍ୱାମୀ ଲେଖିଥିବା ଓ ଦେବୀତୋଷ ଆଚାର୍ଯ୍ୟଙ୍କ ସଂଗୀତ ନିର୍ଦ୍ଦେଶନାରେ ଶ୍ରୀଜଗନ୍ନାଥଙ୍କ ଭକ୍ତିଭାବ ପୂର୍ଣ୍ଣ ଗୀତ 'ମଣିମା! ତୁମେ ଏକା ସାଆନ୍ତ ବୋଲି ଦୁଃଖ ମୁଁ ଯାଇଛି ଭୁଲି'ରେ କଣ୍ଠଦାନ କରିଥିଲେ। ହିନ୍ଦୀ ସିନେମା ସହ ଭାରତର ଅନେକ ପ୍ରାନ୍ତୀୟ ଭାଷାରେ କଣ୍ଠଦାନ କରିଥିବା ଆଶା ଜୀ ନିଜ କଳା ଜରିଆରେ ଏ ଇଣ୍ଡଷ୍ଟ୍ରିକୁ ପ୍ରସ୍ଫୁଟିତ କରିଥିଲେ। ଭାରତୀୟ ଠାରୁ ଆଧୁନିକ - ପାଶ୍ଚାତ୍ୟ ଶୈଳୀକୁ ବଲିଉଡ ସିନେ ପରଦାରେ ବେଶ ନିଖୁଣ ଭାବେ ପ୍ରଦର୍ଶିତ କରିପାରିଥିଲା ତାଙ୍କ ସ୍ୱର। ସିନେମା ହଲ ହେଉ ବା ଦର୍ଶକମଣ୍ଡଳୀ ଝୁମି ଉଠୁଥିଲେ ସମସ୍ତେ। ସେ ଇଣ୍ଡି-ପପ୍ ଯୁଗର ମୂଳଦୁଆ ପକାଇଥିଲେ। ଏହା ତାଙ୍କୁ ଯେତିକି ରାତାରାତି ଖ୍ୟାତି ଦେଇନଥିଲା ଢ଼େର ସମାଲୋଚନା ମଧ୍ୟ ଉତ୍ତରରେ ଦେଇଥିଲା କିନ୍ତୁ କାହାକୁ ସେ ଖାତିର କରିନଥିଲେ। ତାଙ୍କ ଗୀତରେ ଆଧୁନିକତାର ଛାପ ନଥିଲା, ଶାସ୍ତ୍ରୀୟ ଗଜଲର ସୁନ୍ଦର ମିଶ୍ରଣ ଥିଲେ ଯେ କୁହାଯାଏ ଆଶା ଜୀ ଏମିତି ସପ୍ରରାଇଜ ପ୍ୟାକେଜ ଥିଲେ ଯିଏ ପଚାଶ ଦଶକରେ ଯେମିତି ଦର୍ଶକଙ୍କ କ୍ରେଜ ବଢ଼ାଇଥିଲେ, ତାଠୁ ବେଶୀ ଚକିତ କରିଥିଲେ ବିଂଶ ଶତାବ୍ଦୀରେ।

ମାତ୍ର ଷୋଳ ବର୍ଷ ବୟସରେ ସଂଗୀତ କ୍ୟାରିୟର ଆରମ୍ଭ କରିଥିବା ଆଶା ଜୀ ୧୯୩୩ ସେପ୍ଟେମ୍ବର ୮ରେ ମହାରାଷ୍ଟ୍ରର ସାଙ୍ଗିଲିରେ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ଦଶ ବର୍ଷ ବୟସରେ ପ୍ରଥମ ଭାବେ ମରାଠୀ ଫିଲ୍ମ 'ମାଝାବଳ' ୧୯୪୩ରେ କଣ୍ଠଦେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସତୁରୀ ଦଶକରେ ଦେବ ଆନନ୍ଦଙ୍କ ଫିଲ୍ମ 'ହରେ ରାମା ହରେ କୃଷ୍ଣା' ବକ୍ସ ଅଫିସରେ ଧୁମଧଡ଼କା ମଚାଇଥିଲା। ୧୯୭୧ରେ ଆରଡ଼ି ବର୍ମନଙ୍କ ସଂଗୀତ ନିର୍ଦ୍ଦେଶନାରେ 'ଦମ୍ ମାରୋ ଦମ୍' ଗୀତଟି ତାଙ୍କୁ ରାତା ରାତି ପ୍ରସିଦ୍ଧ କରିଥିଲା। ଦୀର୍ଘ ଆଠ ଦଶନ୍ଧିର ଲମ୍ବା କ୍ୟାରିୟରରେ ଭାରତର କୋଡିଏ ରୁ ଉର୍ଦ୍ଧ୍ୱ ଭାଷାରେ ବାର ହଜାରରୁ ଅଧିକ ଗୀତ ଗାଇ ଥିଲେ। ୨୦୧୧ରେ ଗ୍ରୀନିଜ ବିଶ୍ୱ ରେକର୍ଡ଼ରେ ସ୍ଥାନିତ ହେବା ସହ ସେ ଅନେକ ସମ୍ମାନ ମଧ୍ୟ ପାଇଛନ୍ତି।

ହିନ୍ଦୀ ସିନେମାର କଣ୍ଠ ସଂଗୀତର ଶେଷ ମୋଗଲ ଥିଲେ ସେ। କୋକିଳ କଣ୍ଠୀ ତାଙ୍କ ଭଉଣୀ ଲତାଜୀଙ୍କ ପରଲୋକ ପରେ ସେ ଅତି ଭାବପ୍ରବଣ ହୋଇପଡ଼ି କହିଥିଲେ - 'ସମସ୍ତେ ତ ଚାଲିଗଲେ, ଏବେ କେବଳ ମୁଁ ହିଁ ରହିଲି।' ଆଜି ସେ ସ୍ୱରଟି ବି ନିରବୀ ଗଲା। କହିବାକୁ ଗଲେ ସଂଗୀତର ସ୍ୱର୍ଣ୍ଣିମ ଯୁଗର ସେ ଥିଲେ ମୁକୁଟ ବିହୀନ ସାମ୍ରାଜ୍ଞୀ, ଶାସ୍ତ୍ରୀୟ ଠାକୁର ଗଜଲ, ଆଧୁନିକତା ଠାରୁ ଭାବପୂର୍ଣ୍ଣ ଭଜନର ଫେଣ୍ଟା ଫେଣ୍ଟି ଗୀତ ସବୁରେ ସେ ଥିଲେ ବେଶ ନିର୍ଭିକ ଆଉ ସାଲିସ ବିହୀନ। ଅନେକ ସମୟରେ ତାଙ୍କ ମତ ଓ ମନ୍ତବ୍ୟ ନାନା ଆଲୋଚନା ସମାଲୋଚନା ବି ସୃଷ୍ଟି କରିଛି। ତାଙ୍କର ସବୁଠାରୁ ଏକ ବଡ଼ ଶ୍ରେଷ୍ଠତା ଥିଲା ନାରୀ ଚରିତ୍ରର ଭାବନା, ଆଶା, ସମ୍ଭାବନା, ସ୍ୱପ୍ନ, ଆକାଂକ୍ଷା, ଅଭିଳାଷ, ରୋମାନ୍ସ ସବୁକିଛିକୁ ସିନେ ପରଦାରେ ବର୍ଣ୍ଣନା କରୁଥିବା ଏକ ଆକର୍ଷଣୀୟ ସ୍ୱର। ଆଶା ଜୀ ଥିଲେ ଏପରି ପ୍ରତିଭା ସତେ ଯେପରି ସବୁ ଶୈଳୀ, ସବୁ ରାଗର ଗୀତକୁ ସେ ନିଜେ ଆୟତ୍ତ କରିପାରୁଥିଲେ। ତାଙ୍କ ଭିତରେ ତାରୁଣ୍ୟର ଦୁଷ୍ଟାମୀ, ଯୌବନର ଉଦଘୋଷ, ବିପଦର ନିନାଦ, ନାଇଟ କ୍ଲବର ମତୁଆଲ ତାଳ ଥିଲା ଅନେକ କିଛି। ଏପରି ଏକ ସମୟରେ ଅନେକଙ୍କ ସମାଲୋଚନା, ପ୍ରତ୍ୟାଶାକୁ ଭୃକ୍ଷେପ ନକରି ଏଭଳି ଗୀତ ଗାଇଛନ୍ତି ଯେଉଁ ଗୁଡ଼ିକୁ ଅନ୍ୟମାନେ ଗାଇବାକୁ ଆଗପଛ ହେଉଥିଲେ। ୨୦୨୦ରେ 'ଆଶା କି ଆଶା' ନାମରେ ଏକ ଅନଲାଇନ ପ୍ରତିଭା କାର୍ଯ୍ୟକ୍ରମରେ ଭାରତର ପ୍ରତିଭାବାନ କଳାକାରଙ୍କ ପାଇଁ ଏକ ପ୍ଲାଟଫର୍ମ ତିଆରି କରିଥିଲେ। ୯୦ତମ ଜନ୍ମ ଦିନରେ ସୁଦୂର ଦୁବାଇରେ ଏକ କନସର୍ଟରେ ତିନି ଘଣ୍ଟା ଧରି ଗୀତ ଗାଇ ସେ ସମସ୍ତଙ୍କୁ ତାଜୁବ କରିଦେଇଥିଲେ। କେହି କେହି କୁହନ୍ତି ନିଜ ଜୀବନ ଓ କ୍ୟାରିୟର ସହିତ ତାଳ ଦେଉଥିବା ଗୀତଟି ଥିଲା ଆରଡ଼ି ବର୍ମନଙ୍କ 'ପଞ୍ଚମ'। କାବ୍‌ରେ ଶୈଳୀର ଗୀତ 'ପିୟା ତୁ ଅବଥ ତୋ ଆଯା'ରୁ ନେଇ 'ଦମ୍ ମାରୋ ଦମ୍' ଭଳି ସମ୍ପୂର୍ଣ୍ଣ ନୂତନ ଢ଼ାଞ୍ଚାର ସ୍ୱର ସଂରଚନା ତତ୍କାଳୀନ ଗତାନୁଗତିକ ସାଂଗୀତିକ ଧାରାକୁ ଅତିକ୍ରମ କରି ବଲିଉଡ ସଂଗୀତରେ ନୂଆ ଧାରା ସ୍ଥାପନା କଲା। ଆଶା ଭୋସଲେ.... ଏଇଥିପାଇଁ ସେ ସ୍ୱତନ୍ତ୍ର ସତୁରୀ ବସନ୍ତ ଛୁଇଁଥିବା ତାଙ୍କପରି ଜଣେ କଣ୍ଠଶିଳ୍ପୀ ସତର ବର୍ଷୀୟଙ୍କ ପାଇଁ ମଧ୍ୟ ନିଖୁଣ କଣ୍ଠଦାନ କରିପାରନ୍ତି। ନୂଆ ପିଢ଼ିର ତମାମ ଗାୟିକା ଥାଇ ବି ଏଯାବତ୍ ସଂଗୀତକାରଙ୍କ ଫେବରିଟ୍ ଥିଲେ ସେ। ଦୀର୍ଘ ଅଶୀ ଦଶନ୍ଧିର ସଂଗୀତ ଯାତ୍ରାରେ ହଜାର ହଜାର ଚାର୍ଟବଷ୍ଟର ଗୀତ ଇଣ୍ଡଷ୍ଟ୍ରିକୁ ଭେଟି ଦେଇ ଆଶା ସବୁଦିନ ପାଇଁ ନିରବୀ ଯାଇଛନ୍ତି। ତାଙ୍କର କାଳଜୟୀ ଗୀତ ଶ୍ରୋତାଙ୍କ ହୃଦୟରେ ଅମର କରି ରଖିବ।

'ସାଇ ବିଥି' ୭ଡି/୧୩୫୪,
ସେକ୍ଟର-୯, ସିଡିଏ, କଟକ




## ଏହି ସପ୍ତାହ, ସେହି ବର୍ଷ (ଏପ୍ରିଲ୍ ୨୬ - ମେ'୨)

### ଏଇ ସପ୍ତାହ

ଏପ୍ରିଲ୍ ୨୬, ୧୯୭୫- ସିକ୍କିମ୍ ଦେଶର ୨୨ତମ ରାଜ୍ୟର ମାନ୍ୟତା ପାଇଥିଲା।




ଏପ୍ରିଲ୍ ୨୭, ୧୯୦୮- ଲଣ୍ଡନ ଠାରେ ଚତୁର୍ଥ ଅଲିମ୍ପିକ ଖେଳର ଆରମ୍ଭ ହୋଇଥିଲା।



ଏପ୍ରିଲ୍ ୨୮, ୨୦୦୮- ପାକିସ୍ତାନର ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କୁ ମରଣୋତ୍ତର ପ୍ରତିଷ୍ଠିତ ଟିପରୀ ଇଣ୍ଟରନ୍ୟାସ୍‌ନାଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା।




ଏପ୍ରିଲ୍ ୨୯, ୧୬୩୯- ଏହି ଦିନ ଦିଲ୍ଲୀର ଲାଲ୍‌କିଲ୍ଲାର ମୂଳଦୁଆ ପଡ଼ିଥିଲା।




ଏପ୍ରିଲ୍ ୩୦, ୧୭୮୯- ଜର୍ଜ ୱାଶିଂଟନ୍ ସର୍ବସମ୍ମତିକ୍ରମେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଭାବରେ ଚୟନିତ ହୋଇଥିଲେ।



ମେ' ୧, ୧୮୪୦- ୟୁନାଇଟେଡ୍ କିଙ୍ଗଡମ୍ ପ୍ରଥମ ଆଧିକାରିକ ଡ଼ାକ ଟିକଟ ଜାରି କରିଥିଲା।




ମେ' ୨, ୧୯୫୦- ଫ୍ରାନ୍ସ, କୋଲ୍‌କାତା ପାର୍ଶ୍ୱରେ ସ୍ଥିତ ନିଜର ଉପନିବେଶ ଚନ୍ଦ୍ରନଗରକୁ ଭାରତ ସରକାରଙ୍କୁ ସମର୍ପିତ କରିଥିଲା।



# ଜଙ୍ଗଲ ନିଆଁ

ବିଭୁତି ଭୂଷଣ ସାହୁ



ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ । ଗତ ଦୁଇ ବର୍ଷରେ ରାଜ୍ୟରେ ୫୫୮ ବର୍ଗ କିମି ବନ ଓ ବୃକ୍ଷ ଅବରଣ ବଢ଼ିଛି କିନ୍ତୁ ଉଦବେଗ ଜନକ ଭାବେ ଓଡ଼ିଶାରେ ମନୁଷ୍ୟକୃତ ବନାଗ୍ନି ବଢୁଛି । ନିକଟକରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଯିଏ ନିଆଁ ଲଗାଉଛି ତାଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଥାଉ କି ବର୍ତ୍ତମାନରାଜ୍ୟର ଭୂମିକ୍ଷେତ୍ରର ୭୩.୬୩ ପ୍ରତିଶତ, ଅର୍ଥାତ ୫୯୭ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣରେ ପରିପୂର୍ଣ୍ଣ । ଗତ ବର୍ଷ ଓଡ଼ିଶାରେ ୮କୋଟି ବୃକ୍ଷ ରୋପଣ ହୋଇଥିଲା । ଏହା ନିଃସନ୍ଦେହ ଜଙ୍ଗଲ ସମ୍ପଦକୁ ଉଚିତ ବିନିଯୋଗ କଲେ ରାଜ୍ୟର ଅର୍ଥନୀତି ସମୃଦ୍ଧ ହେବ । ଗତ ବର୍ଷ ପ୍ରାୟ ୨୯ ହଜାର ହେକ୍ଟର ଜମିରେ ନିଆଁ ଲାଗିଥିଲା । ଦିନୁକ ଦିନ ରାଜ୍ୟରେ ଉଦବେଗଜନକ ଭାବରେ ଜଙ୍ଗଲ ନିଆଁ ଅନେକ କ୍ଷତି କରୁଛି । ନିକଟରେ ଦକ୍ଷିଣ ଓଡ଼ିଶାର ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ଭୟଙ୍କର ଭାବେ ଜଙ୍ଗଲ ସହିତ ଏକ ପ୍ରକାର ପାହାଡ଼ ମଧ୍ୟ ଜଳୁଛି ।

ଗତବର୍ଷ ପୃଥିବୀର ଫୁସ୍‌ଫୁସ୍ କୁହାଯାଉଥିବା ଆମାଜାନ ଜଙ୍ଗଲରେ ଭୟାବହ ଅଗ୍ନିକାଣ୍ଡ ଘଟି ସମଗ୍ର ବିଶ୍ୱବାସୀଙ୍କୁ ବିଚଳିତ ଓ ଚକିତ କରିଦେଇଥିଲା । ଜଙ୍ଗଲକୁ ଆମେ ପ୍ରାକୃତିକ ସମ୍ପଦ ହିସାବରେ ଗ୍ରହଣ କରିଥିବା କାରଣରୁ ସେଠି ବିପଦ ରହିବା ସ୍ୱାଭାବିକ । କିନ୍ତୁ ସେହି ବିପଦ ଯେତେ ପ୍ରକୃତିଦତ୍ତ ନୁହେଁ ତା'ଠାରୁ ଅଧିକ ମନୁଷ୍ୟ ଦ୍ୱାରା ସୃଷ୍ଟି କରାଯାଉଛି । ମଣିଷ ବିଭିନ୍ନ ମାର୍ଗରେ ପାରିବେଶିକ ସନ୍ତୁଳନକୁ ପ୍ରଦୂଷଣ ଜରିଆରେ ନଷ୍ଟ କରି ଚାଲିଥିବାବେଳେ ବନାଗ୍ନିର କାରଣ ସାଜି ଜଙ୍ଗଲ ସମ୍ପଦକୁ ନଷ୍ଟକରି ଜଳବାୟୁର ସ୍ୱାଭାବିକତାରେ ବିଭ୍ରାଟ ସୃଷ୍ଟି କରିଚାଲିଛି, ଯାହାକି ଜୀବଜଗତ ପାଇଁ ଧ୍ୱଂସର ପରିସ୍ଥିତିକୁ ଆମନ୍ତ୍ରଣ କରୁଛି । ଆମ ଦେଶ ଭାରତ । ବିଶ୍ୱର ଅନ୍ୟତମ ଜୈବ ବିବିଧତାର ପରିପୂର୍ଣ୍ଣ ଏହି ରାଷ୍ଟ୍ରର ୬୩.୭ ନିୟୁତ ହେକ୍ଟର ଅଞ୍ଚଳ ଜଙ୍ଗଲ ପରିପୂର୍ଣ୍ଣ । ଅର୍ଥାତ୍ ଦେଶର ମୋଟ ଭୌଗୋଳିକ ଅଞ୍ଚଳ ମଧ୍ୟରୁ ୧୯.୩୯ ପ୍ରତିଶତ ଜଙ୍ଗଲ । ଏଥିରୁ ୧୧.୪୮ ପ୍ରତିଶତ ଘଞ୍ଚ ଜଙ୍ଗଲ । ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆର ତଥ୍ୟ ଅନୁଯାୟୀ ଦେଶରେ ରହିଥିବା ଏହି ଜଙ୍ଗଲ ଅଞ୍ଚଳର ୫୩ ପ୍ରତିଶତ ବନାଗ୍ନିପ୍ରବଣ । ତନ୍ମଧ୍ୟରୁ ପ୍ରାୟ ୯ ପ୍ରତିଶତ ଜଙ୍ଗଲରେ ନିୟମିତ ବ୍ୟବଧାନରେ ନିଆଁ ଲାଗିଥାଏ । ଅବଶିଷ୍ଟ ଜଙ୍ଗଲରେ କେବେ କେମିତି ନିଆଁ ଲାଗିବାର ଦେଖାଯାଏ । ହେକ୍ଟର ହିସାବ ଦେଖିଲେ ଦେଶରେ ୩.୭୩ ନିୟୁତ ହେକ୍ଟର ଜଙ୍ଗଲରେ ନିୟମିତ ନିଆଁ ଲାଗିଥାଏ । ଏହି ବନାଗ୍ନି ଫଳରେ ଦେଶରେ ପ୍ରତିବର୍ଷ ପ୍ରାୟ ୪୪୦ କୋଟି ଟଙ୍କାର କ୍ଷୟକ୍ଷତି ଘଟିଥାଏ ବୋଲି ଏକ ଆକଳନରୁ ଜଣାପଡ଼ିଛି । ବନାଗ୍ନି ଫଳରେ ଜଙ୍ଗଲରେ ଜଳିପୋଡ଼ି ନଷ୍ଟ ହୋଇଯାଉଥିବା ଗଛବୃକ୍ଷକୁ ନେଇ ଏହି କ୍ଷତିର ପରିମାଣ ହିସାବ କରାଯାଇଛି । ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ । କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ ।

ପ୍ରଶ୍ନ ଉଠେ ଜଙ୍ଗଲରେ ନିଆଁ କାହିଁକି ଲାଗେ, କେମିତି ଲାଗେ ଓ କିଏ ଲଗାଏ ? ଏହି ପ୍ରଶ୍ନର ଦୁଇଟି ଉତ୍ତର । ପ୍ରଥମତଃ ପ୍ରାକୃତିକ କାରଣରୁ ଜଙ୍ଗଲରେ ନିଆଁ ଲାଗେ, ଦ୍ୱିତୀୟତଃ ମଣିଷ ନିଜର ସ୍ୱାର୍ଥ ପାଇଁ ପୁଣି ଉଦ୍ଦେଶ୍ୟହୀନ ଭାବେ ଜଙ୍ଗଲ ପୋଡ଼ିଥାଏ । ଜଙ୍ଗଲ ଉପରେ ଯେଉଁମାନେ ଗବେଷଣା କରୁଛନ୍ତି ସେମାନଙ୍କର ମତ ହେଉଛି ପ୍ରାକୃତିକ ବା ପରିବେଶଗତ କାରଣରୁ ଜଙ୍ଗଲରେ ନିଆଁ ଲାଗିବା ଘଟଣା ବହୁତ କମ୍ । ପବନର ବେଗ, ଜଳବାୟୁର ଆର୍ଦ୍ରତା ଉପରେ ନିର୍ଭର କରେ ପ୍ରାକୃତିକ ବନାଗ୍ନି । ଏପରିକି ଏଇନିନୋର ପ୍ରଭାବ ମଧ୍ୟ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟାଇପାରେ । ଜଳବାୟୁ ବିଶେଷଜ୍ଞ ଓ ପରିବେଶବିତ୍‌ମାନେ ମଧ୍ୟ ଏହି ମତ ରଖନ୍ତି । ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ଦୀବ୍ର ଗତି ଯୋଗୁ ଡାଳ, ବାଉଁଶରେ ବାଉଁଶ ଘସି ହୋଇ ନିଆଁ ସୃଷ୍ଟି ହୋଇଥାଏ । ବେଳେବେଳେ ପାହାଡ଼, ପର୍ବତରୁ ତଳକୁ ଗଡ଼ିଆସୁଥିବା ପଥର ଖଣ୍ଡ ଅନ୍ୟ ପଥର ସହ ସଂଘର୍ଷରେ ଅଗ୍ନି ଉତ୍ପନ୍ନ କରାଯାଇଥାଏ ଓ ଏହି ନିଆଁ ଶୁଷ୍କ କାଠ ଓ ପତ୍ର ସଂସ୍ପର୍ଶରେ ଆସି ଜଙ୍ଗଲରେ ନିଆଁ ଲାଗିଯାଇଥାଏ ।





ଜଙ୍ଗଲରେ ନିଆଁ ଲାଗିବା ଫଳରେ କେବଳ ମୂଲ୍ୟବାନ ଗଛ ଜଳିପୋଡ଼ି ନଷ୍ଟ ହୁଏ ନାହିଁ, ଏହାଦ୍ୱାରା ପ୍ରଭୂତ କ୍ଷତିଘଟେ । ଜଳ ଅବବାହିକା କ୍ଷେତ୍ର ଉଜୁଡ଼ି ଯାଏ । ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ । ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ । ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ । ଗଛ ଧ୍ୱଂସ ପାଉଥିବା ଯୋଗୁଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଲେଷଣରେ ବ୍ୟାଘାତ ଘଟେ । ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ । ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ । ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀମାନଙ୍କର ଜୀବନଜୀବିକା ବିପନ୍ନ ହୁଏ । ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ । ଗତ କେତେବର୍ଷ ଧରି ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଲାଣି । ଜଙ୍ଗଲ ନିଆଁକୁ ରୋକିବା ପାଇଁ ସରକାର ଆଇନ ପ୍ରଣୟନ କରିଛନ୍ତି । ମାତ୍ର ଏହି ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯାଉନାହିଁ ।


ଜାତୀୟ ଜଙ୍ଗଲ ନୀତି ୧୯୮୮ରେ ଜଙ୍ଗଲ ନିଆଁ ସମ୍ପର୍କରେ ଉଲ୍ଲେଖ ରହିଛି । ଅତ୍ୟାଧୁନିକ ଜ୍ଞାନକୌଶଳ ଓ ପରିଚାଳନା ପଦ୍ଧତି ଅନୁସରଣ କରି ଜଙ୍ଗଲ ନିଆଁକୁ ରୋକିବା ସକାଶେ ଏଥିରେ କୁହାଯାଇଛି । ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଗର୍ହିତ ତଥା ଦଣ୍ଡନୀୟ ଅପରାଧ ବୋଲି କୁହାଯାଇଛି । ଭାରତ ସରକାର ମଧ୍ୟ ୨୦୦୦ ମସିହାରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ କେତେକ ନୀତି ନିୟମ ପ୍ରଣୟନ କରିଛନ୍ତି । ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି । ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି । ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ୍ୟ କଟକଣା ଜାରି କରାଯାଇଛି । ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ୍ୟ ରହିଛି । ଗ୍ରାମଗୋଷ୍ଠୀମାନଙ୍କୁ ନିଜସ୍ୱ ଜ୍ଞାନକୌଶଳରେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଥିଲେ ମଧ୍ୟ କିଛି ହେଉନାହିଁ ।

ଜଙ୍ଗଲ ନିଆଁ, ଜଙ୍ଗଲ ସମ୍ପଦର ଅବକ୍ଷୟ ଯେ ଏହାର କାରଣ ତାହା ସାଧାରଣ ମଣିଷ ହେଜି ପାରୁନାହିଁ । ଜଙ୍ଗଲ ସମ୍ପଦ ନଷ୍ଟ କାରଣରୁ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ବର୍ଷକୁ ବର୍ଷ ବୃଦ୍ଧି ପାଉଥିବା ସମ୍ଭବତଃ ସାଧାରଣ ମଣିଷର ଜ୍ଞାନ ପରିସରକୁ ଆସୁନାହିଁ । କେବଳ ଭାରତରେ ନୁହେଁ, ଭୟାବହ ଜଙ୍ଗଲ ନିଆଁ ଆମେରିକା, କାନାଡ଼ା, ସୁଇଜରଲ୍ୟାଣ୍ଡ, ଜାପାନ ଭଳି ଉନ୍ନତ ରାଷ୍ଟ୍ରରେ ମଧ୍ୟ ଦେଖିବାକୁ ମିଳୁଛି । ଏସବୁ ରାଷ୍ଟ୍ରରେ ଲାଗୁଥିବା ଜଙ୍ଗଲ ନିଆଁ ଏକାଧିକ ଦିନ ପର୍ଯ୍ୟନ୍ତ ନିର୍ବାପିତ ହୋଇପାରୁନାହିଁ । ତେବେ ଏହାକୁ ନିର୍ବାପିତ କରିବା ପାଇଁ ସେ ସବୁ ଦେଶରେ ଯେଉଁଭଳି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ରହିଛି ଆମ ଦେଶରେ ସେଭଳି ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ । ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି । ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ୍ୟ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି । ଅଗ୍ନି ନିର୍ବାପନ ପାଇଁ ହେଲିକେପ୍ଟର ବ୍ୟବସ୍ଥା ମଧ୍ୟ ରହିଛି । ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି । ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ । କେବଳ ଫାୟାର ଲାଇନ ଓ ପରିଖା ପ୍ରଭୃତି ପାରମ୍ପରିକ ବ୍ୟବସ୍ଥାକୁ ନେଇ ଆମେ ବାନଗ୍ନିକୁ ଶାନ୍ତ କରିବା ପାଇଁ ଉଦ୍ୟମ କରୁଛୁ, ଯାହାଫଳରେ ବିଦେଶରେ ଭୟାବହ ବନାଗ୍ନି ଯେତିକି ଜଙ୍ଗଲ ନଷ୍ଟ ନକରୁଛି ଆମ ଦେଶରେ ଛୋଟ ଛୋଟ ଜଙ୍ଗଲ ନିଆଁ ଅଧିକ ଜଙ୍ଗଲ ଧ୍ୱଂସର କାରଣ ହେଉଛି ।

**ଇତୁଆ, ଭଟିମୁଣ୍ଡା, ଟାଙ୍ଗୀ, କଟକ, ଦୂରଭାଷ : ୯୩୩୮୧୧୧୩୫୫**

# ସନ୍ଥ ବିଭୁତି – ସ୍ୱାମୀ ଚିଦାନନ୍ଦ

ହେମନ୍ତ କୁମାର ପରିଡ଼ା



ଆଧ୍ୟାତ୍ମ ଆକାଶର ଜଣେ ଉଜ୍ଜ୍ୱଳତମ ଜ୍ୟୋତିଷ୍କ ହେଉଛନ୍ତି ସଦ୍‌ଗୁରୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ। ଜନ୍ମବେଳୁ ତାଙ୍କ ଭିତରେ ଅନେକ ବିଲକ୍ଷଣତା ପ୍ରକାଶ ପାଇଥିଲା। ଛାତ୍ର ଜୀବନରେ ସେ ଥିଲେ ଅତ୍ୟନ୍ତ ମେଧାବୀ ଓ ପ୍ରତ୍ୟୁତ୍ପନ୍ନମତି। ପରିବାର ଠାରୁ ଆରମ୍ଭ କରି ପ୍ରିୟପରିଜନ ସମସ୍ତେ ତାଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ। ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସମାପ୍ତି ପରେ ସେ ମାଡ୍ରାସର ପ୍ରସିଦ୍ଧ ଲୟୋଲା କଲେଜରେ ପ୍ରବେଶ କରିଥିଲେ ଏବଂ ସମ୍ମାନର ସହ ସ୍ନାତକ ଉପାଧି ଲାଭ କରିଥିଲେ। ଲୟୋଲା ମିଶନାରୀ ମାନଙ୍କ ଦ୍ୱାରା ପରିଚାଳିତ ମହାବିଦ୍ୟାଳୟ ହୋଇଥିବାରୁ ତାହାର ବାତାବରଣ ମୁଖ୍ୟତଃ ଖ୍ରୀଷ୍ଟଧର୍ମ ଅନୁରାଗୀ ଥିଲା। ସେଠାରେ ତାଙ୍କୁ ଖ୍ରୀଷ୍ଟଧର୍ମର ଗଭୀର ତତ୍ତ୍ୱ ସମ୍ବନ୍ଧରେ ଜାଣିବାକୁ ସୁଯୋଗ ମିଳିଥିଲା। ସେ ହିନ୍ଦୁ ଥିଲେ ବି ସବୁ ଧର୍ମକୁ ସମାନ ଦୃଷ୍ଟିରେ ଦେଖୁଥିଲେ। ବେଦ, ଉପନିଷଦ, ଗୀତା ଭଳି ବାଇବେଲ, କୋରାନ ଆଦି ଅନ୍ୟ ଧର୍ମ ଓ ମତ ପନ୍ଥର ପବିତ୍ର ଧର୍ମଗ୍ରନ୍ଥ ଗୁଡ଼ିକୁ ସେ ସମାନ ସମ୍ମାନ ପ୍ରଦର୍ଶନ କରୁଥିଲେ ।

ସେବା ପ୍ରେମ ତାଙ୍କ ଜୀବନର ସ୍ୱଭାବ ଥିଲା। କୁଷ୍ଠରୋଗୀମାନଙ୍କ ସେବାକୁ ସେ ସତେ ଅବା ବ୍ରତ ଭାବେ ଗ୍ରହଣ କରି ନେଇଥିଲେ। ଛାତ୍ରଥିଲାବେଳେ ତାଙ୍କ ଉଆଁସର କଡ଼େ କଡ଼େ ଝୁମ୍ପୁଡ଼ି ତିଆରି କରି କୁଷ୍ଠରୋଗୀମାନଙ୍କୁ ଦେବତା ଜ୍ଞାନରେ ସେବା କରୁଥିଲେ। ବିଶେଷ ଦିନମାନଙ୍କରେ ସେମାନଙ୍କୁ ପୂଜା ମଧ୍ୟ କରୁଥିଲେ। ଛାତ୍ରାବସ୍ଥାରେ ଦିବ୍ୟଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ସହ ପତ୍ର ମାଧ୍ୟମରେ ସମ୍ପର୍କ ସ୍ଥାପନ କରିଥିଲେ। ପିଲାଟି ଦିନରୁ ତାଙ୍କ ଭିତରେ ସାଧୁ ହେବାର ଭାବନା ବଳବତ୍ତର ଥିଲା। ହିମାଳୟ ଗଙ୍ଗାମା'ଙ୍କ ପ୍ରତି ଗଭୀର ଅନୁରାଗ ଥିଲା। ତପସ୍ୟା କରି ସିଦ୍ଧିଲାଭ କରିବା ପାଇଁ ମନ ବ୍ୟାକୁଳ ହେଉଥିଲା। ତାଙ୍କର ଏହି ସ୍ୱଭାବ ଦେଖି ପ୍ରିୟଜନମାନେ ତାଙ୍କୁ ସିଦ୍ଧ ବୋଲି ସମ୍ବୋଧନ କରୁଥିଲେ। ୧୯୪୩ ମସିହାରେ ସନ୍ନ୍ୟାସୀ ହେବାର ତୀବ୍ର ବୈରାଗ୍ୟ ନେଇ ଗୃହତ୍ୟାଗ କରି ହିମାଳୟ ଚାଲି ଆସିଲେ। ସ୍ୱାମୀ ଶିବାନନ୍ଦଙ୍କ ପାଦ ତଳେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରି ସନ ୧୯୪୯ ମସିହାରେ ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ସନ୍ନ୍ୟାସ ଗ୍ରହଣ କରିଥିଲେ। ସ୍ୱାମୀ ଶିବାନନ୍ଦ ତାଙ୍କୁ ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତ କରିବା ସହିତ ନାମ ରଖିଥିଲେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ। ଏହି ନାମର ଅର୍ଥ ହେଉଛି ସର୍ବୋଚ୍ଚ ଚେତନା ତଥା ପରମାନନ୍ଦ ସ୍ଥିତି। ଏହି ନାମରେ ସେ ବିଶ୍ୱବିଦିତ ହେଲେ। ସତରେ ନାମ, ଗୁଣ, ଆତ୍ମା ଓ ସ୍ଥିତିର ଯଥାର୍ଥ ପ୍ରତି ହେଉଛନ୍ତି ସ୍ୱାମୀ ଚିଦାନନ୍ଦଜୀ ମହାରାଜ।

ଶିବାନନ୍ଦ ଆଶ୍ରମରେ ଯୋଗଦେବା ପରେ ପରେ ଆଶ୍ରମ ପରିଚାଳିତ ଶିବାନନ୍ଦ ଦାତବ୍ୟ ଚିକିତ୍ସାଳୟରେ ତାଙ୍କୁ ସେବା କରିବାର ସୁଯୋଗ ମିଳିଲା । ତାଙ୍କର ସେବା ଭାବ ଓ ମଧୁର ବ୍ୟବହାର ଯୋଗୁଁ ଧୀରେ ଧୀରେ ଚିକିତ୍ସାଳୟରେ ରୋଗୀମାନଙ୍କ ସଂଖ୍ୟା ଅସମ୍ଭବ ଭାବେ ବଢ଼ିବାକୁ ଲାଗିଲା । ସନ୍ନ୍ୟାସ ନେବା ପୂର୍ବରୁ ଲୋକମାନେ ସ୍ୱାମୀ ଚିଦାନନ୍ଦଙ୍କୁ ରାଓ ସ୍ୱାମିଜୀ ବୋଲି ସମ୍ବୋଧନ କରୁଥିଲେ । ଲୋକଙ୍କ ଭିତରେ ଧାରଣା ହୋଇଥିଲା ସ୍ୱାମିଜୀଙ୍କ ହାତରେ ଯାଦୁ ଅଛି । ସେ ଟିକେ ଛୁଇଁଦେଲେ ରୋଗ ଉପଶମ ହୋଇଯିବ । ସ୍ୱାମିଜୀଙ୍କ ଉପସ୍ଥିତିରେ ଆଶ୍ରମ ପରିବେଶ ଏକ ନୂତନ ସ୍ପନ୍ଦନରେ ସ୍ପନ୍ଦିତ ହେବାକୁ ଲାଗିଲା । ସତ୍‌ସଙ୍ଗ ହେଉ ଉପାସନା ସ୍ଥଳୀ ହେଉ ଅଥବା ସେବା କ୍ଷେତ୍ର ସବୁଠାରେ ତାଙ୍କ ଉପସ୍ଥିତି ଓ କର୍ମ କୁଶଳତା ଅନୁଭୂତ ହେଲା । ଅଳ୍ପଦିନ ଭିତରେ ଗୁରୁଦେବ ଶିବାନନ୍ଦ ମହାରାଜ ତାଙ୍କୁ ଦିବ୍ୟଜୀବନ ସଂଘର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଅର୍ପଣ କଲେ । ସ୍ୱାମିଜୀଙ୍କ ଦ୍ୱାରା ଦିବ୍ୟଜୀବନ ସଂଘର ଭାବଧାରା ବିଶ୍ୱର କୋଣେ କୋଣେ ବ୍ୟାପି ଯାଇଥିଲା । ଏବେ ଦିବ୍ୟ ଜୀବନ ସଂଘ ବିଶାଳ କାୟା ବିସ୍ତାର କରି ସାରା ପୃଥିବୀରେ ପରିବ୍ୟାପ୍ତ ହୋଇଛି । ସନ୍ ୧୯୬୩ ମସିହାରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ମହାପ୍ରୟାଣ ହେଲା । ସେବେଠାରୁ ସର୍ବସମ୍ମତି କ୍ରମେ ପୂଜ୍ୟ ସ୍ୱାମିଜୀଙ୍କୁ ଦିବ୍ୟଜୀବନ ସଂଘର ପରମାଧ୍ୟକ୍ଷ ଭାବେ ଚୟନ କରାଗଲା । ଜୀବନର ଶେଷ ନିଃଶ୍ୱାସ ଯାଏ ସେ ସେହି ଗୁରୁ ଭାର ବହନ କରି ତାହା ସୁଚାରୁ ରୂପେ ସମ୍ପାଦନ କରି ଆସିଥିଲେ ।

ସ୍ୱାମୀ ଶିବାନନ୍ଦ ଥିଲେ ଅସମ୍ଭବ ଅନ୍ତର୍ଦୃଷ୍ଟି ସମ୍ପନ୍ନ ମହାପୁରୁଷ । ଥରେ କଥା ପ୍ରସଙ୍ଗରେ କହିଥିଲେ ଚିଦାନନ୍ଦଜୀ ଜଣେ ମହାନ୍ ଜୀବନ୍ମୁକ୍ତ ଯୋଗୀ । ଏହା ତାଙ୍କର ଶେଷ ଜନ୍ମ । ଏକଦା ଶିବାନନ୍ଦ ଆଶ୍ରମରେ ତାଙ୍କର ଜନ୍ମଉତ୍ସବ ପାଳନ କରି କହିଥିଲେ ଚିଦାନନ୍ଦ ଜଣେ ଜୀବନ୍ମୁକ୍ତ । ସେ ମୋର ଗୁରୁ ହେବା କଥା ହେଲେ କୌଣସି ପ୍ରାରବ୍ଧ କାରଣରୁ ଏବେ ମୁଁ ତାଙ୍କର ଗୁରୁ ହୋଇଛି । ସତରେ ସ୍ୱାମୀ ଚିଦାନନ୍ଦଜୀଙ୍କ ଭଳି ସନ୍ଥ ବିରଳ । ସେବା ପ୍ରେମ ଓ କରୁଣାର ସେ ଘନ ବିଗ୍ରହ। ତାଙ୍କର ହୃଦୟବତ୍ତା କେବଳ ମାନବ ସମାଜ ନୁହେଁ ଏପରିକି ମାନବୋଭର ଜୀବଜନ୍ତୁ ପଶୁପକ୍ଷୀ କୀଟପତଙ୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ସ୍ୱାମୀ ଚିନ୍ମୟାନନ୍ଦଜୀ ମହାରାଜ ଥରେ ତାଙ୍କ ଗୀତାଜ୍ଞାନଯଜ୍ଞରେ ଶ୍ରୀମଦ୍‌ଭଗବତ ଗୀତାର ସ୍ଥିତପ୍ରଜ୍ଞ ଲକ୍ଷଣ ବିଷୟରେ ବୁଝାଉଥିଲେ । ଜଣେ ପ୍ରଫେସର ପଚାରିଲେ ଆଜ୍ଞା ! ଏହିଭଳି ଲୋକ କ'ଣ ପୃଥିବୀରେ ସମ୍ଭବ ? ଚିନ୍ମୟାନନ୍ଦଜୀ ତତ୍‌କ୍ଷଣାତ୍ କହିଲେ – ହଁ ହଁ ଏଭଳି ମହାପୁରୁଷ ଏବେ ବି ଅଛନ୍ତି । ଋଷିକେଶ ଶିବାନନ୍ଦ ଆଶ୍ରମରେ ଅବସ୍ଥାନ କରୁଛନ୍ତି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ । ଆପଣମାନେ ତାଙ୍କୁ ଦର୍ଶନ କରିପାରିବେ । ସ୍ୱାମିଜୀ ମହାରାଜଙ୍କ ହୃଦୟବତ୍ତାର ତୁଳନା ନାହିଁ । ସର୍ବତ୍ର ସେ ଏକ ବ୍ରହ୍ମଙ୍କୁ ହିଁ ଦର୍ଶନ କରୁଥିଲେ । କୀଟପତଙ୍ଗ ତରୁ ତୃଣ ସର୍ବତ୍ର ଏକ ବ୍ରହ୍ମ ବିଦ୍ୟମାନ । ଏହା ତାଙ୍କ ଜୀବନର ଆଚରଣ ଓ ଉଚାରଣରେ ନିତ୍ୟ ପ୍ରତିଫଳିତ ହେଉଥିଲା । ଏଭଳି ମହାତ୍ମା ଦୁର୍ଲଭ । ସେ ସନ୍ଥ ମହାତ୍ମା ମାନଙ୍କ ଭିତରେ ଏକ ବିଭୁତି ।

ଭାରତର ଦକ୍ଷିଣରୁ ଉଠିଥିବା ଦିବ୍ୟ ପ୍ରକାଶ ଆପଣା ଦିବ୍ୟତାରେ ସାରା ବିଶ୍ୱକୁ ଉଦ୍‌ଭାସିତ କରି ହିମାଦ୍ରୀର ହିମ ପ୍ରବାହରେ ଅସ୍ତମିତ ହୋଇଗଲେ । ଶ୍ରୀଧରର ଚଦାନନ୍ଦମୟ ଶ୍ରୀଅଙ୍ଗକୁ ମା'ଗଙ୍ଗା ଧାରଣ କରି ଧନ୍ୟ ମନେ କଲେ । ପ୍ରସମିତ ହେଲା ସ୍ୱାମୀ ଚିଦାନନ୍ଦଙ୍କର ପାର୍ଥିବ ଶରୀର ହେଲେ ଚିଦାନନ୍ଦମୟ ଚିନ୍ମୟ ସତ୍ତା ପ୍ରକାଶିତ ହୋଇ ଏବେ ବି ଅଗଣିତ ମୁମୁକ୍ଷୁ ଜିଜ୍ଞାସୁଙ୍କୁ ଦିବ୍ୟ ଜୀବନ ଲାଭ ପାଇଁ ଆହ୍ୱାନ ଦେଉଛି ଏବଂ ଦେଉଥିବ । ଏହି ମହାନ ସନ୍ଥଙ୍କ ଜୀବନଗାଥା ଅନୁଧ୍ୟାନ କରି ମନରେ ଆସୁଛି ସମହାତ୍ମା ସୁଦୁର୍ଲଭ।

**ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬**
E-mail : hemanta123kumarparida@gmail.com

ଅପେରା ଆଇଟମ୍
ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ନୂଆ ଜୀବନ ଦେଲେ ତାରିଣୀ ମା’

## -ରାମ ନାୟକ



ରିୟା ଚକ୍ରବର୍ତ୍ତୀ

ମା’ ଯାହାକୁ ସାହା, ତାକୁ କିଏ ବା ଅଟକେଇପାରିବ ? ସେମିତି ଏକ ଅନୁଭୂତି ମୋ ଜୀବନରେ ଅଛି । ମୁଁ ସେତେବେଳକୁ ତାରିଣୀ ଗଣନାଟ୍ୟରେ ଥିଲି । ପାର୍ଟି ଆନନ୍ଦପୁରରୁ ଯାତ୍ରା ସାରି ପାରିକୁଦ, ମାଲୁଦକୁ ସିଫ୍ଟ ହେଉଥାଏ । ମୋ ଘର ଭଦ୍ରକ କାରଣରୁ ମୁଁ ପାର୍ଟି ବସ୍‌ରେ ନଯାଇ ଘରକୁ ଚାଲିଯାଇଥିଲି । ଆମ ଗାଁରେ ସ୍ନାନ ପୂର୍ଣ୍ଣିମା ପାଇଁ ଜଗନ୍ନାଥ ମନ୍ଦିରରେ ବିଶେଷ କାର୍ଯ୍ୟକ୍ରମ ହେଉଥାଏ । ମୁଁ ଭାବିଲି ପରେ ଯିବି ଓ ରାତିରେ ନାଟକ ହେବା ପୂର୍ବରୁ ଯାଇ ପହଞ୍ଚି ଯିବି । ଦିନରେ ଗାଁରେ ରହି ପାର୍ଟି ପାଖକୁ ଟ୍ରେନ୍‌ରେ ଫେରୁଥାଏ । ମୋର ହୁମା ଷ୍ଟେସନରେ ଓହ୍ଲାଇବା କଥା । କିନ୍ତୁ କିଛି ଲୋକ କହିଲେ ସେ ଷ୍ଟେସନରେ ଗାଡ଼ି ରହିବନି, ଏଣୁ ମୁଁ ଖଲ୍ଲିକୋଟରେ ଓହ୍ଲେଇ ଜାତୀୟ ରାଜପଥକୁ ବସ୍ ଆଶାରେ ଯାଉଥାଏ । ସେତେବେଳକୁ ୯.୩୦ରୁ ଅଧିକ ହେଲାଣି । ସ୍ନାନପୂର୍ଣ୍ଣିମା ପାଇଁ କୌଣସି ପାସେଞ୍ଜର ଗାଡ଼ି ମିଳୁ ନଥାଏ କି ରିଜର୍ଭ ଗାଡ଼ି ମୋତେ ଉଠାଉ ନଥାନ୍ତି । ସେମିତି ଛିଡ଼ା ହୋଇଥାଏ । ରାତି ୧୧ରୁ ଅଧିକ, ସମୟ ଗଡ଼ିଗଡ଼ି ଚାଲିଥାଏ । ସେତେବେଳେ ତାରିଣୀର ‘ମଙ୍ଗଳସୂତ୍ର’ ନାଟକ ବହୁତ ଡିମାଣ୍ଡ ଥାଏ । ମୋର ଭୂମିକା ମଧ୍ୟ ସେଥିରେ ଅନେକ ଥାଏ । ଏଣୁ ମୁଁ ଅନୁପସ୍ଥିତ ରହିଲେ, ମୋ ଜାଗାରେ ଆଉ କେହି କାମ ଚଳେଇ ପାରିବେ ନାହିଁ । ଯେନତେନ ପ୍ରକାରେ ମୋର ପହଞ୍ଚିବା ଦରକାର । ମୁଁ ଯେଉଁ ଜାଗାରେ ଓହ୍ଲାଇଥାଏ, ସେଠାରୁ ଯାତ୍ରା ଆହୁରି ୨୬କିମିର ରାସ୍ତା । ଦେଖିଲି ଏମ୍‌ଭିଆଇ ରାସ୍ତାରେ ଚେକିଂ କରୁଛନ୍ତି । ମୋ ପିଇସା ବି ପୂର୍ବରୁ ଜଣେ ଏମ୍‌ଭିଆଇ ଥିଲେ । ତାଙ୍କ ପରିଚୟ ଦେଇ ସାହାଯ୍ୟ ମାଗିବା ପରେ ସେ ଗୋଟେ ରିଜର୍ଭ ବସ୍‌କୁ ଅଟକାଇ ମୋତେ ସେ ବସ୍‌ରେ ଚଢ଼େଇ ଦେଲେ । ସେତେବେଳକୁ ରାତି ଗୋଟାଏ, ଯେଉଁ ସମୟରେ କି ନାଟକ ଆରମ୍ଭ ହେବା କଥା । ମୁଁ ମନ ଭିତରେ ବହୁତ ଡ଼ରି ଯାଇଥାଏ । ଛାତି ଖାଲି ଧଡ଼ଧଡ଼ ହେଉଥାଏ । ଏମିତି ହେଲା ବସ୍ ବି ବାଟରେ ରମ୍ଭା ଘାଟି ପାଖରେ ଯାତ୍ରୀ ଶୌଚ ହେବା ପାଇଁ ଅଟକିଲା । ମୋର ହୃତସ୍ପନ୍ଦନ ଆହୁରି ବଢ଼ିଗଲା । ଏଣେ ବିଳମ୍ବକୁ ବସ୍ ରାସ୍ତାରେ ଅଟକିବା ମୋତେ ବିଚଳିତ କରିଦେଲା । ମୁଁ ମା ତାରିଣୀଙ୍କୁ ମନେ ମନେ ସ୍ମରଣ କରୁଥାଏ । ଠିକ୍ ସମୟରେ ନପହଞ୍ଚିଲେ ଚାକିରି ତ ଚାଲିଯିବ, ନାଟକ ମଧ୍ୟ ପରିବେଷଣ ହୋଇପାରିବ ନାହିଁ । ମୁଁ ପହଞ୍ଚିବାବେଳକୁ ୨ଟା ପରେ ହୋଇଯାଇଥାଏ । ମେଲୋଡ଼ି କିନ୍ତୁ ଚାଲୁଥାଏ । ମୋ ଦେହରେ ଟିକେ ବଳ ଆସିଗଲା । ବୁଝିବାବେଳକୁ ଆନନ୍ଦପୁରରୁ ପାର୍ଟି ସିଫ୍ଟ ହେବାବେଳେ ରାସ୍ତାରେ ଗୋଟେ ଟ୍ରକର ଚକା ଫାଟିଯାଇଥିଲା । ଯେଉଁଥିପାଇଁ ମେଲୋଡ଼ି ଆରମ୍ଭ କରିବା ଡ଼େରି ହୋଇଯାଇଥିଲା । ସେଦିନ ମୁଁ ମା’ଙ୍କ କରୁଣାରୁ ଅଳ୍ପକେ ବଞ୍ଚିଯାଇଥିଲି । ମା’ଙ୍କୁ କୋଟି ଦଣ୍ଡବତ ପକାଇ ମନେ ମନେ ଭାବିଲି ସେ ଆଜି ମୋତେ ବଞ୍ଚେଇ ଦେଲେ । ଏ ହେଉଛି ଭେଟେରାନ୍ ଯାତ୍ରା କଳାକାର ରାମ ନାୟକଙ୍କ ଜୀବନର ଏକ ଅଭୁଲା ସ୍ମୃତି । ତାଙ୍କ ଜୀବନର ଅଭୁଲା ଘଟଣା କଥା ପଚାରିଲା ପରେ ସେ ମା ତାରିଣୀଙ୍କର ଏହି ଅପାର କରୁଣା କଥା ଏକା ନିଶ୍ୱାସରେ ଯେମିତି କହିଯାଇଥିଲେ ।

ପ୍ରଥମେ ସେ ଓଡ଼ିଶା ଅପେରାରୁ ଯାତ୍ରା ଜୀବନର ଆରମ୍ଭ କରି ଧଉଳି, ଇଷ୍ଟର୍ଣ୍ଣ ରେଡ୍, ଇଷ୍ଟର୍ଣ୍ଣ କିଙ୍ଗ୍, ଯାତ୍ରା ଗାଁ, ସଚ୍ଚିଦାନନ୍ଦ, ମାୟାନଗରୀ, ପାର୍ବତୀ, ରଙ୍ଗମହଲ ଆଦି ଯାତ୍ରାନୁଷ୍ଠାନରେ ଦୀର୍ଘଦିନ ଧରି ନିଜ ଅଭିନୟର ପାରଦର୍ଶିତା ଦେଖାଇ ଆସୁଛନ୍ତି । ତାଙ୍କ ଅଭିନୀତ ନାଟକ ମଧ୍ୟରେ ରାଣୀ ମହୁମାଛି, ମଙ୍ଗଳସୂତ୍ର, ମୁଁ ତୋର କଣ ହେବି, ଚୁପଚାପ ରାତି ଚୁପଚାପ କଥା, ଲୁହର ଓଜନ ଲୁହାଠୁ ବେଶି, ବାବୁ ମୁଁ ଚୌକିଦାର, ମୁଁ ସେଇ ଭଦ୍ରକିଆ ଟୋକା ଭଳି ଶହ ଶହ ନାଟକ ତାଙ୍କ କଳାକାର ଜୀବନକୁ ଆହୁରି ଅଧିକ ସଶକ୍ତ କରିବା ସହ ଘରେ ଘରେ ପରିଚିତ କରାଇପାରିଛି ।

‘ନିତିଦିନ’ର ରବିବାର କ୍ରୋଡ଼ପତ୍ର ‘ନଜର’କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ- ‘ନଜର’, ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com